READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ପୂଜା ମଣ୍ଡପରେ ବିରାଜିଲେ ମା' କାଳୀ

ବର୍ଷ-୩ ସଂଖ୍ୟା-୪୧ ୨୮ ଅକ୍ଟୋବର - ୦୩ ନଭେମ୍ବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-41 28th OCTOBER - 03rd NOVEMBER, 2019 BHUBANESWAR ₹ 5/- (8 Pages)

# ଅପ୍ରତିଦ୍ୱନ୍ଦ୍ୱୀ ନବୀନ, ଉଦାହରଣ ବିଜେପୁର

**ଭୁବନେଶ୍ୱର, (ତାରକ ମହାନ୍ତି):** ସାଧାରଣ ନିର୍ବାଚନ ଓ ଉପନିର୍ବାଚନ ଭିତରେ ଅନେକ ପାର୍ଥକ୍ୟ ଦେଖାଯାଇଥାଏ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ନିର୍ବାଚନ ବେଳେ ଯେଉଁ ଜନମତ ଆସିଥାଏ ଉପନିର୍ବାଚନ ବେଳେ ସେଭଳି ହୋଇନଥାଏ। ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେଉଥିଲା ବେଳେ ସେଠାରେ ସବୁ ରାଜନୈତିକ ଦଳର ପତିଆରା, ରଣନୀତି ଭିନ୍ନ ଭିନ୍ନ ଥାଏ। କିନ୍ତୁ ବିଜେପୁର ଉପନିର୍ବାଚନ ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଛି। କାରଣ ପୂର୍ବତନ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ ରୀତା ସାହୁ ବିଜୁ ଜନତା ଦଳରେ ଯୋଗଦେଇ ପ୍ରଥମ ଉପନିର୍ବାଚନରେ ଜିତିଥିଲେ। ଏହାପରେ ସାଧାରଣ ନିର୍ବାଚନରେ ଏହି ଆସନଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇ ବିଜେପି ଓ କଂଗ୍ରେସ ଠାରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ ମଧ ତାଙ୍କ ପୂର୍ବ ଆସନ ହିଞ୍ଜିଳିକୁ ରଖି ସେ ଏହି ଆସନରୁ ଇସ୍ତଫା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଦୁଇଟି ଆସନରୁ ପ୍ରାର୍ଥୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଯେତେବେଳେ ବିଜେପୁରର ପ୍ରାର୍ଥୀ ହେଲେ ତାଙ୍କୁ ପରାସ୍ତ କରିବା ପାଇଁ ଜାତୀୟ ଦଳ ବିଜେପି ଓ ଏହାର ତୁଙ୍ଗ ନେତାମାନେ ଯେଭଳି ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି ତାହା ଫସଲ ଫାଟିଗଲା। ବିଜେପୁର ପୁଣି ବିଜେଡି ହାତରେ ରହିଲା। କିନ୍ତୁ ଆଶା କରାଯାଉଥିଲା ଏଠାରେ ଯେବେ ଉପନିର୍ବାଚନ ଅନୁଷ୍ଠିତ ହେବ ଏହା ବିଜେଡି ପାଇଁ ମହଙ୍ଗା ପଡିବ। କାରଣ ସମ୍ପ୍ରତି ବରଗଡର ସାଂସଦ ସୁରେଶ ପୂଜାରୀ ହେଉଛନ୍ତି ବିଜେପିର ଜଣେ ଟାଣୁଆ ନେତା। ଉପନିର୍ବାଚନରେ ସେ ନିଶ୍ଚୟ ତାଙ୍କ ପରାକ୍ରମ



ଦେଖାଇବେ ବୋଲି ଆଶା କରାଯାଉଥିଲା। ସେହିଭଳି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସର୍ବାଧିକ ଗୁରୁତ୍ୱ ବହନ କରିଥିବା ଏବଂ ଚର୍ଚ୍ଚିତ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ରଣନୀତିରେ ସୁଧାର ଆଣି ବିଜେପୁର ଆସନଟିକୁ ବିଜେଡି ପାଖରୁ ଛଡାଇ ନେବେ। ବିଜେପି ରାଜ୍ୟ ଅଧ୍ୟକ୍ଷ ବସନ୍ତ ପଣ୍ଡା ମଧ ଜଣେ ଟାଣୁଆ ନେତା ଓ ସେ ଗତ ସାଧାରଣ ନିର୍ବାଚନରେ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ସେ ମଧ ବିଜେପୁରରେ ତାଙ୍କ କାଟ୍‌ତି ଦେଖାଇବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ବିଜେପୁର ଉପନିର୍ବାଚନରେ ବିଜେଡିର ଐତିହାସିକ ବିଜୟ ହେବା ସହିତ ରୀତା ସାହୁ ରେକର୍ଡ ଭୋଟରେ ନିର୍ବାଚିତ ହୋଇଛନ୍ତି। ଭୋଟ ବ୍ୟବଧାନ ହାରକୁ ବିଚାର କଲେ ସ୍ପଷ୍ଟ ଜଣାପଡୁଛି ଯେ, ବିଜେପି ଏଠାରେ ପୂର୍ବ ସ୍ଥିତି ବଜାୟ ➤ ପୃ-୬

## ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ବିଜ୍ଞପ୍ତି ପ୍ରକାଶ

# ପ୍ରଥମ ଦିନରେ ଆଗତ ହେବ ଅତିରିକ୍ତ ବଜେଟ

**ଭୁବନେଶ୍ୱର:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓଡିଶା ବିଧାନସଭାର ଶୀତକାଳିନ ଅଧିବେଶନ ପାଇଁ ସମନ ଜାରୀ କରିବା ପରେ ବିଧାନସଭା ସଚିବାଳୟ ପକ୍ଷରୁ ବୈଠକର କାର୍ଯ୍ୟକ୍ରମ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ବିଧାନସଭାର ଶୀତକାଳିନ ଅଧିବେଶନ ନଭେମ୍ବର ୧୩ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୯ରେ ଶେଷ ହେବ। ଏଥିରେ ୩୦ ଟି କାର୍ଯ୍ୟ ଦିବସ ରହିଛି। ନଭେମ୍ବର ୧୩ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ନଭେମ୍ବର ୨୦, ୨୧ ଓ ୨୨ ତାରିଖରେ ୩ ଦିନ ଧରି ବିଭାଗୀୟ ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ। ୨୫ ତାରିଖରେ ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ସଂକ୍ରାନ୍ତୀୟ ବିନିଯୋଗ ବିଲ୍ ଅର୍ଥମନ୍ତ୍ରୀ ଉପସ୍ଥାପିତ କରିବେ। ଆଲୋଚନା ପରେ ତାହା ଗୃହୀତ ହେବ।



ନଭେମ୍ବର ୧୪, ୧୬, ୧୮, ୧୯, ୨୬, ୨୭, ୨୮, ୨୯ ଓ ୩୦ ତାରିଖ ଏବଂ ଡିସେମ୍ବର ୨, ୩, ୪, ୫, ୬, ୭, ୯, ୧୦, ୧୧, ୧୨, ୧୩, ୧୬, ୧୭, ୧୮, ୧୯ ତାରିଖରେ ବିଭିନ୍ନ ବିଭାଗର ସଂକ୍ରାନ୍ତୀୟ ପ୍ରଶ୍ନ ଉପରେ ଆଲୋଚନା କରାଯିବ। ଏହି ଅଧିବେଶନ କାଳରେ ୩୦ଟି କାର୍ଯ୍ୟ ଦିବସ ମଧ୍ୟରୁ ୫ ଦିନ ବେସରକାରୀ ଦିବସ ଭାବେ ରହିଛି। ଏହି ଦିବସରେ ବେସରକାରୀ ବିଲ୍, ସଂକଳ୍ପ ଓ ପ୍ରସ୍ତାବ ଉପରେ ଆଲୋଚନା କରାଯିବ। ଏହା ବ୍ୟତୀତ ଅନ୍ୟାନ୍ୟ ଦିନ ମାନଙ୍କରେ ପ୍ରଶ୍ନୋତର ବ୍ୟତୀତ ➤ ପୃ-୬

# ମୌସୁମୀ ବର୍ଷାରେ ୨୧୫୫ ମୃତ, ୨୬ଲକ୍ଷ ବିପନ୍ନ

**ନୂଆଦିଲ୍ଲୀ :** ଚଳିତ ବର୍ଷ ମୌସୁମୀ ବର୍ଷାରେ ଦେଶରେ ୨୧୫୫ ଜଣଙ୍କ ପ୍ରାଣହାନି ଘଟିଥିଲାବେଳେ ବନ୍ୟାରେ ୪୫ ଜଣ ନିଖୋଜ

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟ

ହୋଇଯାଇଛନ୍ତି। ୨୨ ରାଜ୍ୟରେ ୨୬ ଲକ୍ଷ ଲୋକ ବିପନ୍ନ ହୋଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। ମନ୍ତ୍ରଣାଳୟର ଅଧିକାରୀ ସୂତ୍ରରୁ ପ୍ରକାଶ ଏଥର ବର୍ଷାଋତୁରେ ମହାରାଷ୍ଟ୍ରରେ ସର୍ବାଧିକ ୪୩୦ ଜଣଙ୍କ ପ୍ରାଣହାନି ଘଟିଛି। ଏହା ପଛକୁ ପଶ୍ଚିମବଙ୍ଗରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ୨୨୭ ଜଣ ପ୍ରାଣ ହରାଇଛନ୍ତି। ଦେଶର ୩୬୧ ଜିଲ୍ଲା ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସରକାରୀ ସୂତ୍ରରୁ ପ୍ରକାଶ ବର୍ଷା ଓ ବନ୍ୟାଜନିତ କାରଣରୁ ୨୦ ହଜାର ପଶୁ ମରିଛନ୍ତି। ୨ ଲକ୍ଷ ୨୩ ହଜାର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୨ ଲକ୍ଷ ୬ ହଜାର ଘର ଆଂଶିକ ଭାଙ୍ଗିଯାଇଥିଲାବେଳେ ୧୪ ଲକ୍ଷ ୯ ହଜାର ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଛି। ➤ ପୃ-୬

## ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣରେ ମହାଦୁର୍ନୀତିର ଗନ୍ଧ

# ବିଭାଗ-ଠିକାଦାରଙ୍କ ମଧୁଚନ୍ଦ୍ରିକା; ଚାଲିଛି ହରିଲୁଟ

**ବାରିପଦା,(ସଦାନନ୍ଦ ସାହୁ):** ମୟୂରଭଞ୍ଜ ଜିଲ୍ଲାରେ ଜନସାଧାରଣଙ୍କ ଗମନାଗମନର ସୁବିଧା ନିମନ୍ତେ ଜିଲ୍ଲାର ୨୬ଟି ବ୍ଲକଗୁଡ଼ିକରେ ବିଭିନ୍ନ ମୁଖ୍ୟ ରାସ୍ତାଗୁଡ଼ିକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ଚାଲିଛି ରାସ୍ତା ନିର୍ମାଣ । ଉକ୍ତ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଜନସାଧାରଣଙ୍କ ହିତରେ ଆସୁ ଅଥବା ନ ଆସୁ; କିନ୍ତୁ ନିର୍ମାଣ କାର୍ଯ୍ୟ ନିମନ୍ତେ କାର୍ଯ୍ୟଦେଶ ନେଇଥିବା ଠିକାଦାର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମଚାରୀମାନଙ୍କ କାର୍ଯ୍ୟରେ ଆସୁଛି ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ମନ୍ତ୍ରୀ ତଥା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଶାମାଖୁଣ୍ଟା ବ୍ଲକର ବାରିପଦା-ଉଦଳା ରାସ୍ତାକୁ ସଂଯୋଗ



କରୁଥିବା ଏସ ଏଚ -୧୯ରୁ ପାଣ୍ଡୁରା ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରାଯିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ମାପଚୁଖ କରାଯିବା ପରେ ପ୍ଲାନ ଏଷ୍ଟିମେଣ୍ଟ ପ୍ରସ୍ତୁତ କରାଯାଇଥିଲା । ଉକ୍ତ ପ୍ଲାନ ଏଷ୍ଟିମେଣ୍ଟ ଆଧାରରେ ଟେଣ୍ଡର ହୋଇଥିଲା ଏବଂ ରାସ୍ତାର ନିର୍ମାଣ କାର୍ଯ୍ୟ ନିମନ୍ତେ ଠିକାଦାର ସୁବାଷ ମଣ୍ଡଳଙ୍କୁ କାର୍ଯ୍ୟାଦେଶ ମିଳିଥିଲା । ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥର ଟିକରପଡ଼ା(ନୁରୁସାହି) ଛକ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲଗାଯାଇଥିବା ➤ ପୃ-୬

## ବକ୍ରବାଣୀ



ମାଲ୍ ଦଉଥୁଲେ ନଈ କୂଳରେ
ଠିଆ ହଉଥୁଲେ ଗଛ ମୂଳରେ
ନାଲି କୋଠା ପାଖ ମାଡୁନଥିଲେ
ସତ ମିଛ କିଛି ଜାଣୁନଥିଲେ
ଓଲଟ ପାଲଟ ସବୁ ହେଲାରେ
ପୁରୁଣା ଗୁମର ଫିଟି ଗଲାରେ
ମିଛ ସତ କହି ଫସଉଥୁଲେ
ତାରିଖ ଗଡେଇ ନଚଉଥୁଲେ
କାମ ସାରି ସିଏ କୁଆଡେ ଗଲେ
ତାଙ୍କୁ ଖୋଜି ଖୋଜି ଏମାନେ ମଲେ।

—— ଟୁଟୁ

## ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା

# ନଭେମ୍ବର ୪ରେ ମଧ୍ୟବର୍ତ୍ତୀକାଳୀନ ଆଦେଶ

**ନୂଆଦିଲ୍ଲୀ :** ଶୁକ୍ରବାର ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ହୋଇଛି। ସୁପ୍ରିମ୍‌କୋର୍ଟର ବିଚାରପତି ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶ୍ରୀମନ୍ଦିର ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହି ମାମଲାରେ ଏଯାବତ୍ ଦାଖଲ ହୋଇଥିବା ବିଭିନ୍ନ ରିପୋର୍ଟ ସମୟ ଅଭାବରୁ ସମ୍ପୂର୍ଣ୍ଣ ଭାବେ ଅଧ୍ୟୟନ ହୋଇପାରିନାହିଁ। ତେଣୁ କୋର୍ଟ ଏହାର ଅଧ୍ୟୟନ ପରେ ନଭେମ୍ବର ୪ ତାରିଖରେ ଅନ୍ତରୀଣ ଆଦେଶ ଜାରି କରିବେ। ଏଥିସହ ଯେଉଁମାନେ ଏହି ମାମଲାରେ ପକ୍ଷ ରଖିବାକୁ ଚାହୁଁଛନ୍ତି ସେମାନେ ୨୬ ତାରିଖ ସୁଦ୍ଧା ଲିଖିତ ଭାବେ ନିଜର ପକ୍ଷ ରଖିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଶ୍ରୀମନ୍ଦିର ମାମଲାରେ ନିଯୁକ୍ତି ଆମିକସ କ୍ୟୁରୀ ରଣଜିତ କୁମାରଙ୍କ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ସୁପାରିସ ତଥା ମନ୍ଦିର ପ୍ରଦଶାନ ଦ୍ୱାରା ପୁରୀ ଜିଲ୍ଲା ଜଜଙ୍କ



ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଦିଗରେ ନିଆଯାଉଥିବା ପଦକ୍ଷେପ ଗୁଡିକୁ ଅନୁଧ୍ୟାନ କରି ଖଣ୍ଡପୀଠ ମଧ୍ୟବର୍ତ୍ତୀକାଳିନୀ ଆଦେଶ ଜାରି କରିବାର ସମ୍ଭାବନା ରହିଛି। ଗତ ଶୁଣାଣିରେ ସୁପ୍ରିମ୍‌କୋର୍ଟ ପୁରୀ ଜିଲ୍ଲା ଜଜଙ୍କ ସୁପାରିସର କାର୍ଯ୍ୟକାରିତା ତଦାରଖ ପାଇଁ ଏକ କମିଟି ଗଠନ କରାଯିବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଖଣ୍ଡପୀଠ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତିରେ ହସ୍ତକ୍ଷେପ କରିବା ପାଇଁ ଚାହୁଁନଥିବା ମଧ ସ୍ପଷ୍ଟ କରିସାରିଥିଲେ। ଏମିତିରେ ମନ୍ଦିରରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ବାଧାମୁକ୍ତ ଦର୍ଶନ ପାଇଁ ଉପଯୁକ୍ତ ➤ ପୃ-୬




## ଗିରିଶ ଚନ୍ଦ୍ର ମୁର୍ମୁ ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ



**ନୂଆଦିଲ୍ଲୀ:** ଜାମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଶୁକ୍ରବାର ଗୋଆ ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଏବେ ଗୋଆର ରାଜ୍ୟପାଳ ଥିବା ମୃଦୁଳା ସିହ୍ନାଙ୍କ ସ୍ଥାନରେ ସତ୍ୟପାଲ ମଲିକଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୩୧ରେ ଜମ୍ମୁ-କଶ୍ମୀର ଓ ଲଦାଖ ବିଧିବଦ୍ଧ ଭାବେ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବାକୁ ଥିବାରୁ ଏହାର ଅବ୍ୟବହିତ ପୂର୍ବରୁ ସେଠାରେ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ।

**ବୃଷ** ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁକ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମିଥୁନ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**କର୍କଟ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।

**ସିଂହ** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କନ୍ୟା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ତୁଳା** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ବିଛା** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ମକର** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ। ଦୂର ସ୍ଥାନ ଭ୍ରମଣର ଯୋଗ ରହିଛି।

**ମୀନ** ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବିଏସଏନଏଲ ଓ ଏମଟିଏନଏଲର ମିଶ୍ରଣ ହେବ

**ନୂଆଦିଲ୍ଲୀ :** ବିଏସଏନଏଲ ଏବଂ ଏମଟିଏନଏଲର ପୁନରୁଦ୍ଧାର ଲାଗି କେନ୍ଦ୍ର କ୍ୟାବିନେଟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ବିଏସଏନଏଲ ଓ ଆବଣ୍ଟନ କରାଯିବ। ଫଳରେ ଏହି ଦୁଇଟି ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ରୁତ ବ୍ରଡବ୍ୟାଣ୍ଡ ଓ ଅନ୍ୟ ଡାଟା ସେବା ଯୋଗାଇ ଦେଇପାରିବେ। ଏହି ସ୍ପେକ୍ଟ୍ରମ ପାଇଁ ସରକାର ପାଣ୍ଠି ଯୋଗାଇ ଦେବେ।




## ଉଭୟ କମ୍ପାନୀକୁ ମିଳିବ ୪ଜି ସ୍ପେକ୍ଟ୍ରମ

ଏମଟିଏନଏଲର ସମ୍ମିଶ୍ରଣକୁ ନୀତିଗତ ମଞ୍ଜୁରି ମିଳିଛି। ଏହି ଦୁଇଟି ରାଷ୍ଟ୍ରାୟତ ଟେଲିକମ ଉଦ୍ୟୋଗ ପାଇଁ ୪ଜି ସ୍ପେକ୍ଟ୍ରମ ସେବାର ପ୍ରଶାସନିକ ଆବଣ୍ଟନ କରାଯିବ। ଏତଦବ୍ୟତୀତ ସୋଭରେନ ଗ୍ୟାରେଣ୍ଟି ବଣ୍ଡ ଜରିଆରେ ଋଣ ପରିଶୋଧ, କର୍ମଚାରୀଙ୍କ ଖର୍ଚ୍ଚ କାଟ, ସମ୍ପତି ବିନିଯୋଗ କରି ପାଣ୍ଠି ସଂଗ୍ରହ ଆଦି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ବିଏସଏନଏଲ ଏବଂ ଏମଟିଏନଏଲକୁ ୪-ଜି ସେବାର ପ୍ରଶାସନିକ ଏହି ଦୁଇଟି ରାଷ୍ଟ୍ରାୟତ କମ୍ପାନୀକୁ ୨୦,୧୪୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ଏହି ସ୍ପେକ୍ଟ୍ରମ ମୂଲ୍ୟର ଜିଏସଟି ବାବଦ ଅର୍ଥ ୩,୬୭୪ କୋଟି ଟଙ୍କା ମଧ୍ୟ ସରକାର ବଜେଟରୁ ବ୍ୟୟ କରିବେ। ଏହି ସ୍ପେକ୍ଟ୍ରମ ଉପଯୋଗ କରି ବିଏସଏନଏଲ ଏବଂ ଏମଟିଏନଏଲ ୪-ଜି ସେବା ଯୋଗାଇ ଦେବାରେ ସଫଳ ହେବା ସହିତ ଅନ୍ୟ କମ୍ପାନୀମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଏବଂ ଗ୍ରାମାଂଚଳରେ ସେମାନଙ୍କ ବିଶାଳ ନେଟୱର୍କ ମାଧ୍ୟମରେ ଦ୍ରୁତ ଡାଟା ସେବା ଯୋଗାଇ ଦେବେ। ବିଏସଏନଏଲ ଏବଂ ଏମଟିଏନଏଲ ମଧ୍ୟ ଦୀର୍ଘକାଳୀନ ବଣ୍ଡ ଜରିଆରେ ୧୫ ହଜାର କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବେ। ଏଥିପାଇଁ ସୋଭରେନ ଗ୍ୟାରେଂଟି ଭାରତ ସରକାର ଯୋଗାଇ ଦେବେ। ଏହି ଉତ୍ସରୁ ବିଏସଏନଏଲ ଏବଂ ଏମଟିଏନଏଲ ସେମାନଙ୍କର ଋଣ ପରିଶୋଧ କରିବେ ତଥା କ୍ୟାପେକ୍ସ, ଓପେକ୍ସ ଓ ଅନ୍ୟାନ୍ୟ ଆବଶ୍ୟକତା ଆଂଶିକ ଭାବେ ପୂରଣ କରିବେ। ବିଏସଏନଏଲ ଓ ଏମଟିଏନଏଲ ମଧ୍ୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ଅତିକ୍ରାନ୍ତ କରିସାରିଥିବା ନିଜ କର୍ମଚାରୀଙ୍କୁ ଆକର୍ଷଣୀୟ ସ୍ୱେଚ୍ଛାକୃତ ଅବସର (ଭିଆରଏସ) ପ୍ରସ୍ତାବ ଦେବେ। କେନ୍ଦ୍ର ସରକାର ବଜେଟ ଅର୍ଥରୁ ଏହି ବ୍ୟୟଭାର ବହନ କରିବେ। ଭିଆରଏସ ପାଇଁ ଅନୁଗ୍ରହ ରାଶି ପାଇଁ ୧୭,୧୬୯ କୋଟି ଟଙ୍କା ଆବଶ୍ୟକ ହେବ। ଏହାବ୍ୟତୀତ ପେନସନ, ଗ୍ରାଚ୍ୟୁଇଟି ଓ କମ୍ୟୁଟେସନ ଖର୍ଚ୍ଚ ସରକାର ବହନ କରିବେ। ବିଏସଏନଏଲ/ଏମଟିଏନଏଲ ଦ୍ୱାରା ଯୋଜନାର ବିବରଣୀ ଚୂଡ଼ାନ୍ତ କରାଯିବ। ଋଣ ପରିଶୋଧ, ବଣ୍ଡ ସର୍ଭିସିଂ, ନେଟୱର୍କ ଅପଗ୍ରେଡେସନ ଓ ସମ୍ପ୍ରସାରଣ ଏବଂ ପରିଚାଳନା ଆବଶ୍ୟକତା ପୂରଣ କରିବା ଲାଗି ବିଏସଏନଏଲ ଏବଂ ଏମଟିଏନଏଲ ସେମାନଙ୍କ ସମ୍ପତି ବିନିଯୋଗ କରି ପାଣ୍ଠି ସଂଗ୍ରହ କରିବେ।

## 'ବିନା ଭିସାରେ ବ୍ରାଜିଲ ଆସିପାରିବେ ଭାରତୀୟ'

**ସାଓଁ ପାଉଲୁ :** ବ୍ରାଜିଲୀୟ ରାଷ୍ଟ୍ରପତି ଜୈର୍ ବଲସନାରୋ କହିଛନ୍ତି ଯେ, ବ୍ରାଜିଲ ଭ୍ରମଣରେ ଆସୁଥିବା ଚୀନ୍ ଏବଂ ଭାରତୀୟ ପର୍ଯ୍ୟଟକ କିମ୍ବା ବ୍ୟବସାୟୀଙ୍କ ଲାଗି ଭିସା ଦରକାର ହେବନାହିଁ। ଏଇ ବର୍ଷ ପ୍ରାରମ୍ଭରେ କ୍ଷମତାସୀନ ହୋଇଥିବା ଦକ୍ଷିଣ ପନ୍ଥୀ ରାଜନେତା ବଲସନାରୋ ବ୍ରାଜିଲକୁ ଆସୁଥିବା ଅନେକ ବିକାଶଶୀଳ ଦେଶର ନାଗରିକମାନଙ୍କ ପାଇଁ ଭିସା ଆବଶ୍ୟକତା ହ୍ରାସ କରାଇଛନ୍ତି। ସରକାରୀ ଗସ୍ତରେ ଚୀନରୁ ପ୍ରତ୍ୟାବର୍ତ୍ତନ କରିବା ପରେ ସେ ଏହି ଘୋଷଣା କରିଛନ୍ତି। ଏହା ହେଉଛି ବିକାଶମୁଖୀ ବିଶ୍ୱକୁ ତାଙ୍କ ନୀତି ବିସ୍ତାର କରିବାର ପ୍ରଥମ ଘଟଣା। ଏ ବର୍ଷ ପ୍ରାରମ୍ଭରେ ବ୍ରାଜିଲ୍ ସରକାର ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଜାପାନ ଏବଂ ଅଷ୍ଟ୍ରେଲିଆ ଆଦି ଦେଶର ପର୍ଯ୍ୟଟକ ଏବଂ ବ୍ୟବସାୟୀଙ୍କ ଭିସା ଆବଶ୍ୟକତା ଉଠାଇ ଦେଇଥିଲେ। କିନ୍ତୁ ଉପରୋକ୍ତ ଦେଶ ଗସ୍ତରେ ଯାଉଥିବା ବ୍ରାଜିଲୀୟ ନାଗରିକମାନଙ୍କ ପାଇଁ ସମ୍ପୃକ୍ତ ଦେଶର କର୍ତ୍ତୃପକ୍ଷମାନେ ଭିସା ବ୍ୟବସ୍ଥା ପରିତ୍ୟାଗ କରି ନାହାନ୍ତି।

# ଦିଲ୍ଲୀ ଓ ଏନ୍‌ସିଆରରେ ବାୟୁ ପ୍ରଦୂଷଣର ମାତ୍ରା ଅନୁଧ୍ୟାନ

## ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ର (ଏନସିଆର)ରେ ବାୟୁ ପ୍ରଦୂଷଣ ମାତ୍ରା ଅନୁଧ୍ୟାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର ଉଚ୍ଚସ୍ତରୀୟ ଟାସ୍କଫୋର୍ସର ସମସ୍ତ ଅଂଶୀଦାରଙ୍କୁ ନେଇ ଏକ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ବାୟୁର ଗୁଣବତା ଯେପରି ଅଧିକ ହ୍ରାସ ନପାଇବ ସେଥିପ୍ରତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଭାବୀ ଢଙ୍ଗରେ ଫସଲ ବର୍ଜ୍ୟ ଜାଳିବା ଉପରେ କଟକଣା ଜାରି କରିବା ଲାଗି ପଞ୍ଜାବ ଓ ହରିୟାଣା ସରକାରଙ୍କୁ ପ୍ରମୁଖ ସଚିବ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କୁ ଫସଲ ବର୍ଜ୍ୟ ଜାଳିବାରୁ ରୋକିବା ନିମନ୍ତେ ପ୍ରଶାସନିକ କଳକୁ ସକ୍ରିୟ କରିବା ଲାଗି ଦୁଇ ରାଜ୍ୟର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହା ଫଳରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ। ଏହାଛଡ଼ା ଭାରତ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପାଣ୍ଠି ବିନିଯୋଗ କରି ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ଉପରୋକ୍ତ ଦୁଇ ରାଜ୍ୟକୁ କୁହାଯାଇଛି। ଏହି ବୈଠକରେ ଦିଲ୍ଲୀ ସରକାର, ଦିଲ୍ଲୀର ବିଭିନ୍ନ ମହାନଗର ନିଗମ କର୍ତ୍ତୃପକ୍ଷ, ଆଇଆଇଟି, ଟିଇଆରଆଇ ଏବଂ ବିଭିନ୍ନ ମନ୍ତ୍ରଣାଳୟର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଧୂଳି ପ୍ରଦୂଷଣ, ନିର୍ମାଣ ଓ ଭଗ୍ନ ପ୍ରକ୍ରିୟାରୁ ସୃଷ୍ଟ ଆବର୍ଜନା ଏବଂ ଶିଳ୍ପ ଓ ବାହନଜନିତ ପ୍ରଦୂଷଣକୁ ତୁରନ୍ତ ନିୟନ୍ତ୍ରଣ କରିବା ଲାଗି ପ୍ରମୁଖ ସଚିବ ନିର୍ଦ୍ଦିଷ୍ଟ ଭାବେ ଆଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସମ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆହୁରି ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଜନସାଧାରଣଙ୍କ ଅଭିଯୋଗ ଉପରେ ପଦକ୍ଷେପ ନେଇ ଛୋଟରୁ ଛୋଟ ଅଗ୍ନିକାଣ୍ଡ, ଆବର୍ଜନା ଆଦିକୁ ନିୟନ୍ତ୍ରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦିଲ୍ଲୀରେ ବାୟୁର ଗୁଣବତା ବୃଦ୍ଧି ଲାଗି ଭାରତ ସରକାର ନିରନ୍ତର ଭାବେ ପ୍ରୟାସ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ତତ୍ତ୍ୱାବଧାନରେ ୨୦୧୫ରେ ବାୟୁ ଗୁଣବତା ସୂଚକାଙ୍କ (ଏକ୍ୟୁଆଇ)ର ଶୁଭାରମ୍ଭ କରାଯାଇଥିଲା। ଦିଲ୍ଲୀ ଏନସିଆର କ୍ଷେତ୍ରରେ ୧୧୩ଟି ଏକ୍ୟୁଆଇ ନିରୀକ୍ଷଣ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ଆହୁରି ୨୯ଟି ଏପରି ଷ୍ଟେସନ ପ୍ରତିଷ୍ଠା କରାଯିବ।

## ବିଶ୍ୱ ବ୍ୟାଙ୍କ ବ୍ୟବସାୟିକ ସୁଗମତା ମାନ୍ୟତା

# ଭାରତ ୬୩ତମ ସ୍ଥାନକୁ ଉନ୍ନୀତ

**ନୂଆଦିଲ୍ଲୀ:** ବିଶ୍ୱ ବ୍ୟାଙ୍କର ସଦ୍ୟତମ 'ବ୍ୟବସାୟିକ ସୁଗମତା ରିପୋର୍ଟ-୨୦୨୦' ପ୍ରକାଶ ପାଇଛି। ଏହି ମାନ୍ୟତାରେ ୧୯୯ଟି ଦେଶ ଥିବା ବେଳେ ଭାରତ ଚଳିତ ଥର ୧୪ଟି ସ୍ଥାନ ଉପରକୁ ଉଠି ୬୩ତମ ସ୍ଥାନ ହାସଲ କରିଛି। ପୂର୍ବରୁ ପ୍ରକାଶିତ ବ୍ୟବସାୟିକ ସୁଗମତା ମାନ୍ୟତାରେ ଭାରତ ୭୭ତମ ସ୍ଥାନରେ ରହିଥିବା ବେଳେ ଏଥର ୧୪ଟି ସ୍ଥାନ ଉପରକୁ ଉଠିଛି। ଭାରତ ୨୦୧୫ ଠାରୁ ଲଗାତାର ଭାବେ ମାନ୍ୟତାରେ ଉନ୍ନତି କରିଚାଲିଛି। ଲଗାତାର ତୃତୀୟ ଥର ପାଇଁ ଭାରତ ଶ୍ରେଷ୍ଠ ୧୦ ସୁଧାରକ ମଧ୍ୟରେ ସ୍ଥାନ ପାଇପାରିଛି। ଭାରତ ସରକାରଙ୍କ ନିରନ୍ତର ପଦକ୍ଷେପ ଫଳରେ ଭାରତ ୨୦୧୪ରୁ ୨୦୧୯, ଏହି ୫ ବର୍ଷ ମଧ୍ୟରେ ୭୯ଟି ସ୍ଥାନ ଉପରକୁ ଉଠି ସାରିଲାଣି। ବ୍ୟବସାୟକୁ ପ୍ରଭାବିତ କରୁଥିବା ୧୦ଟି ପରିମାପକକୁ ଆଧାର କରି ବ୍ୟବସାୟିକ ସୁଗମତା ମାନ୍ୟତା ପ୍ରସ୍ତୁତ କରାଯାଇଥାଏ। ଏଥିରେ ବିଶ୍ୱର ୧୯୦ଟି ଅର୍ଥବ୍ୟବସ୍ଥା ବ୍ୟବସାୟ ପାଇଁ ପ୍ରଣୟନ କରୁଥିବା ନିୟମ ଏବଂ ଏହାର କାର୍ଯ୍ୟକାରୀତା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥାଏ। ଯେକୌଣସି ଏକ ଅର୍ଥବ୍ୟବସ୍ଥା ଏବଂ ବିଶ୍ୱର ଶ୍ରେଷ୍ଠ ପ୍ରଚଳନ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପ୍ରଦର୍ଶିତ କରୁଥିବା 'ଡିଷ୍ଟାନ୍ସ ଟୁ ଫ୍ରଂଟିଅର (ଡିଟିଏଫ)' ଅଙ୍କ ଆଧାରରେ ବିଭିନ୍ନ ଦେଶକୁ ବ୍ୟବସାୟିକ ସୁଗମତା ମାନ୍ୟତା ତାଲିକାରେ ସ୍ଥାନ ମିଳିଥାଏ। ଚଳିତ ଥର ଭାରତର ଡିଟିଏଫ ଅଙ୍କ ୭୧.୦ ରହିଛି ଯାହାକି ଗତ ବର୍ଷ ୬୭.୨୩ ଥିଲା। ୧୦ଟି ପରିମାପକ ମଧ୍ୟରୁ ୭ଟିରେ ଭାରତ ଉନ୍ନତ ପ୍ରଦର୍ଶନ କରିଛି ଏବଂ ଅନ୍ତର୍ଜାତୀୟ ଶ୍ରେଷ୍ଠ ପ୍ରଚଳନର ନିକଟତର ହୋଇପାରିଛି। ଦେବାଳିଆପଣ ସମାଧାନ, ନିର୍ମାଣ ଅନୁମତି, ସମ୍ପତି ପଞ୍ଜୀକରଣ, ସୀମାପାର ବାଣିଜ୍ୟ ଏବଂ ଟିକସ ପଇଠ ଆଦି ପରିମାପକରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହୋଇଛି।

# ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ କ୍ୟାବିନେଟ ମଞ୍ଜୁରି

**୨୦୨୦-୨୧ରେ ବିପଣନ ଲାଗି ଚିହ୍ନଟ ଫସଲ ପାଇଁ ଲାଗୁ**
**ଦୁଇ ଗୁଣ ଅଧିକ ମୂଲ୍ୟ ପାଇବେ ଗହମ ଚାଷୀ**
**ମସୁର ଡାଲିର ଏମଏସପି ସର୍ବାଧିକ ୩୨୫ ଟଙ୍କା ବୃଦ୍ଧି**

**ନୂଆଦିଲ୍ଲୀ:** ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସମସ୍ତ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ମଞ୍ଜୁରି ମିଳିଛି। ଏହି ଦର ୨୦୨୦-୨୧ରେ ବିପଣନ ହେବାକୁ ଥିବା ସମସ୍ତ ରବି ଫସଲ ପାଇଁ ଲାଗୁ ହେବ। ରବି ବିପଣନ ଋତୁ ୨୦୨୦-୨୧ ଲାଗି ଚିହ୍ନଟ ହୋଇଥିବା ରବି ଫସଲର ଏମଏସପି ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ଏହା ଜରିଆରେ ସରକାର ଉତ୍ପାଦନର ହାରାହାରି ବ୍ୟୟର ପାଖାପାଖି ଦେଢ଼ ଗୁଣ ପର୍ଯ୍ୟନ୍ତ ମୂଲ୍ୟ ପ୍ରଦାନ କରିବା ଲାଗି ପ୍ରୟାସ କରିଛନ୍ତି। ସରକାର ଏ ସମ୍ପର୍କରେ ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ଘୋଷଣା କରିଥିଲେ। ଏମଏସପି ନୀତି ମାଧ୍ୟମରେ କୃଷକମାନଙ୍କୁ ସର୍ବନିମ୍ନ ୫୦ ପ୍ରତିଶତ ଲାଭ ପ୍ରଦାନ କରିବା ଏବଂ ୨୦୨୨ ସୁଦ୍ଧା ସେମାନଙ୍କ ଆୟ ଦ୍ୱିଗୁଣିତ କରି ସେମାନଙ୍କ ଜୀବନଧାରଣରେ ସୁଧାର ଆଣିବା ଦିଗରେ ସରକାର ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୦-୨୧ ରବି ବିପଣନ ଋତୁ ଲାଗି ମସୁର ଡାଲି କ୍ଷେତ୍ରରେ ସବୁଠୁ ଅଧିକ ଏମଏସପି ବୃଦ୍ଧି କରାଯାଇଛି। ଏହାର କ୍ୱିଣ୍ଟାଲ ପ୍ରତି ଏମଏସପି ଦର ୩୨୫ ଟଙ୍କା ବୃଦ୍ଧି ପାଇଛି। ଏହାପରେ କୁସୁମର କ୍ୱିଂଟାଲ ପ୍ରତି ଏମଏସପି ଦର ୨୫୫ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଚଣାର କ୍ୱିଂଟାଲ ପ୍ରତି ଏମଏସପି ୨୫୫ ଟଙ୍କା ବୃଦ୍ଧି କରାଯିବାକୁ ନିଷ୍ପତି ନିଆଯାଇଛି। ଧଳା ଶୋରିଷ ଏବଂ ଶୋରିଷର ଏମଏସପି କ୍ୱିଣ୍ଟାଲ ପ୍ରତି ୨୨୫ଟଙ୍କା ବୃଦ୍ଧି କରାଯାଇଛି। ଗହମ ଏବଂ ଯଅ ଉଭୟର ଏମଏସପି କ୍ୱିଂଟାଲ ପ୍ରତି ୮୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଗହମ ଚାଷୀମାନଙ୍କୁ ଉତ୍ପାଦନ ବ୍ୟୟର ପାଖାପାଖି ୧୦୯ ପ୍ରତିଶତ ଫେରସ୍ତ ମିଳିପାରିବ। ଏମଏସପି ନିର୍ଦ୍ଧାରଣରେ ଉତ୍ପାଦନ ବ୍ୟୟକୁ ଏକ ପ୍ରମୁଖ ଉପାଦାନ ଭାବେ ସାମିଲ କରାଯାଇଛି। ଏହି ଏମଏସପି ବୃଦ୍ଧି ଫଳରେ ଚାଷୀମାନଙ୍କୁ କେବଳ କୁସୁମକୁ ବାଦ ଦେଲେ ଅନ୍ୟ ସମସ୍ତ ଫସଲ ପାଇଁ ଉତ୍ପାଦନ ବ୍ୟୟର ୫୦ ପ୍ରତିଶତରୁ ଅଧିକ ମୂଲ୍ୟ ମିଳିପାରିବ। ଗହମରୁ ୧୦୯ ପ୍ରତିଶତ, ଯଅରୁ ୬୬ ପ୍ରତିଶତ, ଚଣାରୁ ୭୪ ପ୍ରତିଶତ; ମସୁରରୁ ୭୬ ପ୍ରତିଶତ, ଧଳା ଶୋରିଷରୁ ୯୦ ପ୍ରତିଶତ ଏବଂ କୁସୁମରୁ ୫୦ ପ୍ରତିଶତ ମୂଲ୍ୟ ମିଳିପାରିବ।

## ପାକିସ୍ତାନ ନିୟନ୍ତ୍ରଣରେ ନାହିଁ ପିଓକେ : ଜେନେରାଲ ରାୱତ

**ନୂଆଦିଲ୍ଲୀ:** ପାକ୍ ଅଧିକୃତ କଶ୍ମୀର (ପିଓକେ) ପାକିସ୍ତାନ ନିୟନ୍ତ୍ରଣରେ ନାହିଁ। ବରଂ ଏହା ଆତଙ୍କବାଦୀଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି ବୋଲି ଭାରତର ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ କହିଛନ୍ତି। ସେ କହିଛନ୍ତି, ଯେତେବେଳେ ଆମେ ଜମ୍ମୁ-କଶ୍ମୀର କଥା କହୁ ତାହା ସମଗ୍ର ଜମ୍ମୁ-କଶ୍ମୀର ରାଜ୍ୟକୁ ବୁଝାଏ। ଏଥିରେ ପିଓକେ ଓ ଗିଲଗିଟ ଓ ବଲଟିସ୍ତାନ ମଧ୍ୟ ଅନ୍ତର୍ଭୁକ୍ତ। ଏହି କାରଣରୁ ପିଓକେ ଓ ବଲଟିସ୍ତାନ ଏକ ଅଧିକୃତ ଅଞ୍ଚଳ। ଏହି କ୍ଷେତ୍ରକୁ ଆମର ପଡ଼ୋଶୀ ରାଷ୍ଟ୍ର ଅବୈଧ ଭାବେ ନିଜର କବ୍‌ଜାରେ ରଖିଛି। ଏବେ ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ଏଥିନେଇ ଆପତ୍ତି ଉଠାଇବାର କୌଣସି ଯଥାର୍ଥତା ନାହିଁ ବୋଲି ଜେନେରାଲ ରାୱତ କହିଛନ୍ତି।

# ଐତିହାସିକ କର୍ତ୍ତାରପୁର କରିଡର ରାଜିନାମା ସ୍ୱାକ୍ଷରିତ

**ନୂଆଦିଲ୍ଲୀ, (ପିଆଇବି):** କରତାରପୁର ସାହିବ କରିଡର ପରିଚାଳନା ବ୍ୟବସ୍ଥା ଲାଗି ଭାରତ ଓ ପାକିସ୍ତାନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ପକ୍ଷ ଡେରା ବାବା ନାନକସ୍ଥିତ ଆନ୍ତର୍ଜାତିକ ସୀମାର ଜିରୋ ପଏଂଟ ଠାରେ ଏହି ରାଜିନାମାରେ ସ୍ୱାକ୍ଷର କରିଥିଲେ। ଏହି ସମୟରେ କେନ୍ଦ୍ର କ୍ୟାବିନେଟ ମଧ୍ୟ ଡେରା ବାବା ନାନକରୁ ଆନ୍ତର୍ଜାତିକ ସୀମା ପର୍ଯ୍ୟନ୍ତ କରତାରପୁର ସାହିବ କରିଡର ନିର୍ମାଣ ଓ ବିକାଶ ପ୍ରସ୍ତାବକୁ ମଞ୍ଜୁର କରିଥିଲେ। ବର୍ଷର ସବୁସମୟରେ ତୀର୍ଥଯାତ୍ରୀଙ୍କୁ ଗୁରୁଦ୍ୱାରା ଦରବାର ସାହିବ, କରତାରପୁର ଯାତ୍ରା ନିମନ୍ତେ ସୁବିଧା ପ୍ରଦାନ

## ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ କରତାରପୁର ଦରବାର ଯାତ୍ରା
## ପଞ୍ଜୀକରଣ ଲାଗି ଅନଲାଇନ ପୋର୍ଟାଲ କାର୍ଯ୍ୟକ୍ଷମ



ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଗୃହ ମନ୍ତ୍ରଣାଳୟର ପ୍ରତିନିଧିଙ୍କ ସହିତ ପଞ୍ଜାବ ସରକାରଙ୍କ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀ ଗୁରୁ ନାନକ ଦେବଜୀଙ୍କ ୫୫୦ତମ ଜୟନ୍ତୀର ଐତିହାସିକ ଅବସରକୁ ସାରା ଦେଶ ତଥା ବିଶ୍ୱରେ ମହାସମାରୋହରେ ପାଳନ କରିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ନଭେମ୍ବର ୨୨, ୨୦୧୮ରେ ଅନୁମୋଦନ କରିଥିଲା। ଏହି ଐତିହାସିକ ନିଷ୍ପତି ନିଆଯିବା କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତି ନିଆଯାଇଥିଲା। ଏହି ରାଜିନାମା ସ୍ୱାକ୍ଷରିତ ହେବା ସହିତ କରତାରପୁର ସାହିବ କରିଡର ପରିଚାଳନା ପାଇଁ ଏକ ଔପଚାରିକ ରୂପରେଖ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ଠାରୁ ଯାତ୍ରୀ ସେବା ଶୁଳ୍କ ବାବଦରେ ୨୦ ଆମେରିକୀୟ ଡଲାର ଆଦାୟ କରିବା ଲାଗି ପାକିସ୍ତାନର ଜିଦ ମୁଖ୍ୟ ଚର୍ଚ୍ଚାର ବିଷୟ ଥିଲା। ପାକିସ୍ତାନ ତୀର୍ଥଯାତ୍ରୀଙ୍କ ଠାରୁ କୌଣସି ଶୁଳ୍କ ଆଦାୟ ନକରିବା ପାଇଁ ଭାରତ ଲଗାତର ଭାବେ ଅନୁରୋଧ କରି ଆସିଥିଲା। ଏହା ଭାରତୀୟ ତୀର୍ଥଯାତ୍ରୀଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଭାବନା ଅନୁକୂଳ ନୁହେଁ ବୋଲି ଦର୍ଶାଇ ବିଗତ ତିନୋଟି ଯୁଗ୍ମ ସଚିବସ୍ତରୀୟ ବୈଠକ ଓ କୁଟନୈତିକ ସ୍ତରରେ ଏହା ଉପରେ ବାରମ୍ବାର ଜୋର ଦିଆଯାଇଥିଲା। ଶୁଳ୍କ ଛାଡ କରିବା ପାଇଁ ରାଜି ନହେବାରୁ ପାକିସ୍ତାନ ପ୍ରତି ଭାରତ ସରକାର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦିଓ ଶ୍ରୀଗୁରୁ ନାନକଦେବଜୀଙ୍କ ୫୫୦ତମ ପ୍ରକାଶବର୍ଷ ପୂର୍ବରୁ ତୀର୍ଥଯାତ୍ରୀଙ୍କୁ କରତାରପୁର ସାହିବ ଭ୍ରମଣ କରିବାର ସୁବିଧା ପ୍ରଦାନ କରିବା ଲାଗି ଏହି କରିଡରକୁ ଯଥା ସମୟରେ କାର୍ଯ୍ୟକ୍ଷମ କରିବା ପାଇଁ ଭାରତ ଆଜି ରାଜିନାମାରେ ସ୍ୱାକ୍ଷର କରିବାକୁ ସହମତ ହୋଇଛି, କିନ୍ତୁ ଭାରତ ସରକାର ଶୁଳ୍କ ଲାଗୁ ବିଷୟରେ ପୁନର୍ବିଚାର କରିବା ପାଇଁ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ଋତୁରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସଙ୍ଗ ଭାରତ ଲଗାତାର ଉତ୍‌ଥାପନ କରି ଆସିଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାର ଭାରତ ପଟେ ଏକ ସେତୁ ଏବଂ ଏକ ଅସ୍ଥାୟୀ ରାସ୍ତାର ନିର୍ମାଣ କରିଛନ୍ତି। ପାକିସ୍ତାନ ନିଜ ପଟେ ଏକ ସେତୁ ନିର୍ମାଣ କରିବା ଲାଗି ଦେଇଥିବା ପ୍ରତିଶ୍ରୁତି ପୂରଣ କରିବ ବୋଲି ଆଶା କରାଯାଉଛି। କରତାରପୁର ସାହିବ କରିଡର ସଠିକ ସମୟରେ ଉଦଘାଟନ ହେବା ପାଇଁ ସମସ୍ତ ଆବଶ୍ୟକ ଭିତିଭୂମି ଯଥା ରାଜପଥ ଓ ଯାତ୍ରୀ ଟର୍ମିନାଲ ଭବନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚିଛି। ତୀର୍ଥଯାତ୍ରୀଙ୍କ ସହଜ ଗମନାଗମନ ପାଇଁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ତୀର୍ଥଯାତ୍ରୀମାନେ ପଞ୍ଜୀକରଣ ଲାଗି ଅନଲାଇନ ପୋର୍ଟାଲ (prakashpurb550.mha.gov.in) କାର୍ଯ୍ୟକ୍ଷମ ହୋଇଛି। ତୀର୍ଥଯାତ୍ରୀମାନେ ନିଜ ପସନ୍ଦ ଅନୁଯାୟୀ ଯେକୌଣସି ତାରିଖ ଚୟନ କରି ଆବଶ୍ୟକ ସୂଚନା ସହିତ ଏହି ଅନଲାଇନ ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ସୁନିଶ୍ଚିତ ହେବା ସମ୍ପର୍କରେ ଯାତ୍ରାର ୩ କିମ୍ବା ୪ ଦିନ ପୂର୍ବରୁ ଯାତ୍ରୀଙ୍କୁ ଏସଏମଏସ ଓ ଇ-ମେଲ ଜରିଆରେ ସୂଚିତ କରାଯିବ। ଟର୍ମିନାଲ ବିଲ୍ଡିଂରେ ପହଁଚିବା ପରେ ଯାତ୍ରୀମାନେ ଇଲେକଟ୍ରୋନିକ ଯାତ୍ରା ଚିଠା ଓ ନିଜ ପାସପୋର୍ଟ ଦେଖାଇ ଯାତ୍ରା କରିପାରିବେ।

## ଓଡିଶାରେ ହେବନି ଇଏସ୍ଆଇ ମେଡିକାଲ କଲେଜ

**ଭୁବନେଶ୍ୱର :** ରାଜ୍ୟରେ ଇଏସଆଇ ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା କରିବାର କୌଣସି ଯୋଜନା ନାହିଁ ସୁପ୍ରିମକୋର୍ଟର ଅଙ୍କୁଶ ଥିବାରୁ ଏହା କରାଯାଇପାରି ନାହିଁ ବୋଲି ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଠାରେ ଆରମ୍ଭ ହୋଇଥିବା ପୂର୍ବାଂଚଳ ରାଜ୍ୟ ମାନଙ୍କର ଶ୍ରମ ବିଭାଗ ଅଧିକାରୀମାନଙ୍କ ବୈଠକରେ ଯୋଗଦେବା ପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଆମେ କେବଳ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବୁ । ତେବେ ଓଡିଶାର ଶ୍ରମ ମନ୍ତ୍ରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। ଯୋଗ୍ୟତା ପୂରଣ କରି ପ୍ରସ୍ତାବ ଦେଲେ ତା ଉପରେ ବିଚାର କରାଯାଇପାରେ। ତେବେ ସବୁ ଜିଲ୍ଲାରେ ଇଏସଆଇ ହସ୍ପିଟାଲ କରିବାକୁ କେନ୍ଦ୍ର ସରକାରଙ୍କର ଯୋଜନା ରହିଛି। କେନ୍ଦ୍ର ଓ ରାଜ୍ୟ ସମନ୍ୱୟରେ ଶ୍ରମିକମାନଙ୍କ ବିକାଶ କରାଯାଇପାରିବ।

# ଅନଲାଇନ୍‌ରେ ଚାଷୀଙ୍କ ଠାରୁ କିଣାଯିବ ଧାନ

**ଭୁବନେଶ୍ୱର :** ଖରିଫ୍ ବିପଣନ ଋତୁ ୨୦୧୯-୨୦ ବର୍ଷରେ ଧାନ ସଂଗ୍ରହ କାର୍ଯ୍ୟକୁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଏବଂ ଅଧିକ ଫଳପ୍ରଦ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି, ଯେପରି ପଂଜୀକୃତ କୃଷକମାନେ ସୁବିଧାରେ ସେମାନଙ୍କର ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରିକରି ପାରିବେ । ଧାନ ସଂଗ୍ରହ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି'କୁ କଡ଼ାକଡ଼ି ଭାବରେ ପାଳନ କରାଯିବ । ଏହା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର, ପ୍ରକୃତ ଓ ଭାଗଚାଷୀମାନେ ବହୁଳ ଭାବରେ ଉପକୃତ ହେବେ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଧାନ ସଂଗ୍ରହ କାର୍ଯ୍ୟରେ ପୂର୍ଣ୍ଣ ସ୍ୱଚ୍ଛତା ଅଣାଯିବ ଓ ପ୍ରକୃତ ଚାଷୀଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଧାନ ସଂଗ୍ରହ କରାଯିବ । ଏଥିପାଇଁ ପି-ପାସ୍ ବ୍ୟବସ୍ଥାରେ ସଦ୍ୟତମ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯାଇଛି। ସେହିପରି ମିଲରମାନଙ୍କ ପକ୍ଷରୁ ଧାର୍ଯ୍ୟ ସମୟ ମଧ୍ୟରେ ସଂଗୃହୀତ ଧାନକୁ ଚାଉଳ କରି ରାଜ୍ୟ ସରକାରଙ୍କ ହସ୍ତାନ୍ତର କରିବା ପାଇଁ କୁହାଯାଇଛି ଯେପରି ସାଧାରଣ ବଂଟନ ବ୍ୟବସ୍ଥାରେ ଠିକ୍ ସମୟରେ ଚାଉଳ ଉପଲବ୍ଧି ହୋଇପାରିବ । ଯେଉଁସବୁ ଜିଲ୍ଲାରେ ଶୀଘ୍ର ଧାନ ଅମଳ କରାଯାଉଛି ସେହିସବୁ ଜିଲ୍ଲାଗୁଡ଼ିକରେ ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବ । ସେହିପରି ବିଳମ୍ବରେ ଧାନ ଅମଳ ହେଉଥିବା ଜିଲ୍ଲାଗୁଡ଼ିକରେ ନଭେମ୍ବର ୧୬ରୁ ୩୦ ତାରିଖ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ କରାଯିବ। ଏଥି ନିମନ୍ତେ ସଂପୃକ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ବୈଠକ କରାଯାଇ ଉପରୋକ୍ତ ଅବଧି ମଧ୍ୟରେ ଧାନ ସଂଗ୍ରହର ତାରିଖ ଓ ଧାନ ସଂଗ୍ରହ କେନ୍ଦ୍ରର ତାଲିକା ଓ ସ୍ଥାନ ଚୂଡ଼ାନ୍ତ କରାଯିବ । ଧାନ କିଣାଯିବାର ୨୪ରୁ ୪୮ ଘଂଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଅର୍ଥ ହସ୍ତାନ୍ତର କରାଯିବ । ଖରିଫ ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ୨୦୨୦ ମସିହା ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କଷ୍ଟମ ମିଲରମାନଙ୍କ ତାଲିକା ଚୂଡ଼ାନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ନିମନ୍ତେ ମିଲରମାନଙ୍କ ପାଇଁ ପୂର୍ବ ବର୍ଷର ଶତପ୍ରତିଶତ ଚାଉଳ ଧାର୍ଯ୍ୟ ସମୟ ମଧ୍ୟରେ ଯୋଗାଇ ଦେବା ପାଇଁ ସର୍ତ୍ତ ରଖାଯାଇଛି । ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗୁରୁତ୍ୱ ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ପ୍ରାଥମିକ କୃଷି ସମବାୟ ସମିତି ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମଧ୍ୟ ଧାନ ସଂଗ୍ରହ କରାଯିବ । ଚଳିତ ବର୍ଷ ବରଗଡ଼, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଆଦି ୯ଟି ଜିଲ୍ଲାର ୧୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ କରାଯିବ । ଏଥି ନିମନ୍ତେ ଜିଲ୍ଲାପାଳଙ୍କ ସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଧାନ ସଂଗ୍ରହ ବିଷୟରେ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏଥିରେ ପି-ପାସ୍‌ର ନବୀକୃତ ସଫ୍ଟୱେୟାର, ଧାନର ଏଫ୍‌ଏକ୍ୟୁ ମାନ, ସରକାର ଦେଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ, ରେକର୍ଡ ଏବଂ ରେଜିଷ୍ଟର ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ଇତି ମଧ୍ୟରେ ଭଦ୍ରକ, କଳାହାଣ୍ଡି, କୋରାପୁଟ, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରଶିକ୍ଷଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି ବୋଲି ବୈଠକରେ ପ୍ରକାଶ। ଧାନ ସଂଗ୍ରହ କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତାର ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଅନ୍‌ଲାଇନ୍‌ରେ ଧାନ କିଣାଯାଉଥିବାପରିପ୍ରେକ୍ଷୀରେ ଅବିରତ ଇଂଟରନେଟ୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସହିତ ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକର ଆବଶ୍ୟକୀୟ ମୌଳିକ ସୁବିଧାର ବ୍ୟବସ୍ଥା କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଧାନ ସଂଗ୍ରହ କାର୍ଯ୍ୟର ତଦାରଖ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ଜିଲ୍ଲାଗସ୍ତ କରିବା ସହିତ ଧାନ ସଂଗ୍ରହ କାର୍ଯ୍ୟର ଅଗ୍ରଗତି ସଂପର୍କରେ ନିୟମିତ ସମୀକ୍ଷା କରାଯିବ । ଭିଡିଓ କନ୍‌ଫରେନ୍‌ସିଂରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ତଥା ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାରଙ୍କ ସମେତ ସମବାୟ ସମିତି ସମୂହ ନିବନ୍ଧକ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶା ସରକାର ଓ ୟୁନିସେଫ୍ ମଧ୍ୟରେ ବୁଝାମଣା

# ୨୪ ଘଣ୍ଟା ମିଳିବ ବିଶୁଦ୍ଧ ପାଣି

**ଭୁବନେଶ୍ୱର:** ରାଜ୍ୟବାସୀଙ୍କୁ ୨୪ ଘଣ୍ଟା ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବା ନିମନ୍ତେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ୟୁନିସେଫ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏଥିପାଇଁ ଭୁବନେଶ୍ୱରର ୫ଟି ଅଞ୍ଚଳ, ପୁରୀର ୨ଟି ଅଞ୍ଚଳରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯିବ । ମାର୍ଚ୍ଚ ୨୦୨୦ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଡ୍ରିଙ୍କ ଫ୍ରମ୍ ଟାପ୍ ମିଶନ ନାମିତ ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ୨୪ ଘଣ୍ଟା ପାଣି ଯୋଗାଇ ଦିଆଯିବା ସହିତ ଶତ ପ୍ରତିଶତ ମିଟର ବ୍ୟବସ୍ଥା କରାଯିବ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ନିୟୋଜିତ କରାଯିବ ଏବଂ ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ତାଲିମ ମଧ୍ୟ ଦିଆଯିବ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସବୁ ଘରକୁ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ସରକାର ପ୍ରାଥମିକତା ଦେଇଛନ୍ତି । ବିଶୁଦ୍ଧ ପାନୀୟ ଜଳ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ବିଶେଷ ସହାୟକକ ହୋଇଥାଏ। ତେଣୁ ୟୁନିସେଫର ବୈଷୟିକ ସହାୟତାରେ ଆରମ୍ଭ ହେଉଥିବା ଏହି ପ୍ରୋଜେକ୍ଟ ଆମ ଲକ୍ଷ୍ୟ ପୂରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଥିଲେ। ଡ୍ରିଙ୍କ ଫ୍ରମ୍ ଟାପ ମିଶନ ପାଇଲଟ୍ ପ୍ରୋଜେକ୍ଟରେ ପୁରୀ, ଭୁବନେଶ୍ୱରର ୨୨ ହଜାର ପରିବାରର ଏକ ଲକ୍ଷ ୨୦ ହଜାର ଲୋକଙ୍କୁ ବିଶୁଦ୍ଧ ପାଣି ମାର୍ଚ୍ଚ ୨୦୨୦ ସୁଦ୍ଧା ଯୋଗାଇ ଦିଆଯିବ ଏବଂ ପରେ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର ସବୁ ଅଞ୍ଚଳକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଓ ୟୁନିସେଫ ପ୍ରତିନିଧି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

# ଡିସେମ୍ବର ୧ରୁ ଜୁନ୍ ୨୭ ଏନ୍‌ଟିଏ ପ୍ରବେଶିକା

**ଭୁବନେଶ୍ୱର:** ୨୦୧୯ ଡିସେମ୍ବର ୧ରୁ ୨୦୨୦ ଜୁନ୍ ୨୭ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପରୀକ୍ଷାର ପରିଚାଳନା ଦାୟିତ୍ୱ ଏନ୍‌ଟିଏ ବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ପ୍ରଦାନ କରାଯାଇଛି। ତେବେ ଏହି ପରୀକ୍ଷା ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜ ପରିସରରେ ଅନୁଷ୍ଠିତ ହେବ। ଏହି ସମୟରେ ଯେପରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କୌଣସି କ୍ଲାସ ନହେବ ଏବଂ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ନହେବ ସେ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୨୨୧୯୯/୧୯ ମାଧ୍ୟରେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ କଲେଜର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଚିଠିରେ ଦର୍ଶାଯାଇଛି ଯେ, ଏନ୍‌ଟିଏ ଏକ ଜାତୀୟସ୍ତରର ସଂସ୍ଥା। ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରବେଶିକା ପରୀକ୍ଷା ସମେତ କମ୍ପିଟିଟିଭ ପରୀକ୍ଷା ପରିଚାଳନା କରୁଛି। ତେବେ ମିଳିଥିବା ରିପୋର୍ଟ ଅନୁଯାୟୀ ଡିସେମ୍ବର ୧ରୁ ଜୁନ୍ ୨୭ତାରିଖ ମଧ୍ୟରେ ହେବାକୁ ଥିବା ବିଭିନ୍ନ ପରୀକ୍ଷାଗୁଡ଼ିକ ହେଉଛି। ଆଇଆଇଏଫ୍‌ଟି ଏମ୍‌ବିଏ ନାମ ଲେଖା ଲାଗି ଡିସେମ୍ବର ୧ରେ ହେବ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା। ଏହାର ରେଜଲ୍ଟ ୨୦୧୯ ଡିସେମ୍ବର ୧୧ରେ ପ୍ରକାଶ ପାଇବ। ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ସମେତ ରେଜଲ୍ଟ ପ୍ରକାଶ ଆଦି ସମସ୍ତ କାର୍ଯ୍ୟ ଏନ୍‌ଟିଏ ଦ୍ୱାରା ସମ୍ପାଦନ କରାଯିବ। ସେହିପରି ଡିସେମ୍ବର ୨ରୁ ୬ତାରିଖ ପର୍ଯ୍ୟନ୍ତ ୫ଦିନ ୟୁଜିସି ନେଟ୍ ପରୀକ୍ଷା ହେବ। ୨୦୨୦ ଜୁନ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ମଧ୍ୟ ୟୁଜିସି ନ୍ୟାସନାଲ ଇଲିଜିବିଲିଟି ଟେଷ୍ଟ ହେବ। ୨୦୧୯ ଡିସେମ୍ବର ୧୫ରେ ସିଏସ୍‌ଆଇଆର୍ ୟୁଜିସି ନେଟ୍ ଅନ୍‌ଲାଇନ୍ ଟେଷ୍ଟ, ୨୦୨୦ ଜୁନ୍ ୨୧ରେ ସିଏସ୍‌ଆଇଆର୍ ୟୁଜିସି ,ନଟ୍, ଜାନୁଆରୀ ୬ରୁ ୧୧ତାରିଖ ପର୍ଯ୍ୟନ୍ତ ଜେଇଇ-ମେନ୍, ଏପ୍ରିଲ ୩ରୁ ୯ତାରିଖ ପର୍ଯ୍ୟନ୍ତ ୨ୟ ଜେଇଇ-ମେନ୍, ଜାନୁଆରୀ ୨୪ରେ କମନ୍ ମ୍ୟାନେଜମେଣ୍ଟ ଆଡମିଶନ ଟେଷ୍ଟ ଏବଂ ଗ୍ରାଜୁଏଟ୍ ଫାର୍ମାସୀ ଆପ୍ଟିଚ୍ୟୁଡ ଟେଷ୍ଟ, ୨୯ ଏପ୍ରିଲରେ ଅଲ୍ ଇଣ୍ଡିଆ ଆୟୁଷ ପିଜି ପ୍ରବେଶିକା ପରୀକ୍ଷା, ୨୫ଏପ୍ରିଲରେ ନ୍ୟାସନାଲ କାଉନସିଲ ଫର୍ ହୋଟେଲ ମ୍ୟାନେଜମେଣ୍ଟ ପ୍ରବେଶିକା ପରୀକ୍ଷା, ୨୯ ଏପ୍ରିଲରେ ଇଗ୍ନୁ ଏମ୍‌ବିଏ ଏବଂ ବିଇଡି ପ୍ରବେଶିକା ପରୀକ୍ଷା, ଜୁନ୍ ୧ରେ ଏଆଇଇଇଏ-୨୦୨୦ ପ୍ରବେଶିକା ପରୀକ୍ଷା, ମେ'୧୧ରୁ ୧୪ପର୍ଯ୍ୟନ୍ତ ଜେଏନ୍‌ୟୁଇଇ ପ୍ରବେଶିକା ପରୀକ୍ଷା, ଜୁନ୍ ୨ରୁ ୯ତାରିଖ ପର୍ଯ୍ୟନ୍ତ ଡିୟୁଇଟି ପ୍ରବେଶିକା ପରୀକ୍ଷା, ମେ'୩ରେ ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହି ସମସ୍ତ ପରୀକ୍ଷା ସିବିଟି ବା ଅନ୍‌ଲାଇନ୍ ପ୍ରକ୍ରିୟାରେ କରାଯିବ। ତେଣୁ ଯେଉଁ ସବୁ ତାରିଖରେ ପ୍ରବେଶିକା ପରୀକ୍ଷା କରିବାକୁ ନିଷ୍ପତ୍ତି ହୋଇଛି ସେହି ଦିନ ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢ଼ା ବନ୍ଦ ରହିବ।

# ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତ୍ୟେକ ଘରେ ଲାଗିବ ପାଣି ଟ୍ୟାପ୍

**ଭୁବନେଶ୍ୱର:** ଆସନ୍ତା ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତ୍ୟେକଙ୍କ ଘରେ ପାଣି ଟ୍ୟାପ୍ ଲାଗିବ । ଫଳରେ ଲୋକଙ୍କୁ ଆଉ ଘର ବାହାରକୁ ଆସି ନଳକୂପ କିମ୍ବା ରାସ୍ତାକଡରେ ଥିବା ଟ୍ୟାପରୁ ପାଣି ସଂଗ୍ରହ କରିବାକୁ ପଡିବାନାହିଁ। ଜଳଯୋଗାଣ ପାଇପ୍ ସେମାନଙ୍କ ଘର ଭିତରେ ଲାଗିବ। ରାଜ୍ୟ ସରକାରଙ୍କ ଏହି ବହୁ ଆକାଂକ୍ଷିତ ଯୋଜନାକୁ ବାସ୍ତବ ରୂପ ଦେବାପାଇଁ ଜିଲ୍ଲା ସ୍ତରରେ ଗ୍ରାମାଂଚଳ ଜଳଯୋଗାଣର କି ସ୍ଥିତି ରହିଛି ଚଳିତମାସ ଶେଷ ସୁଦ୍ଧା ସେ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି ଯନ୍ତ୍ରୀମାନଙ୍କୁ କୁହାଯାଇଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀଳଜଳ ଯୋଗାଣ ନେଇ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ବୈଠକରେ ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ, ପାନୀୟଜଳ ନିର୍ଦ୍ଦେଶିକା ରୂପା ମିଶ୍ର, ଯନ୍ତ୍ରୀ ମୁଖ୍ୟ ରବିନ୍ଦ୍ର କୁମାର ନାୟକ, ମୁଖ୍ୟଯନ୍ତ୍ରୀ ଅଭୟ କୁମାର



ବିଶ୍ୱାଳ ଓ ବିଭାଗର ଅତିରିକ୍ତ ସଚିବ ଏସ.ଏନ.ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଗାଁ ଗହଳର ଲୋକଙ୍କ ଘରେ ପାଣି ଟ୍ୟାପ ସ୍ଥାପନ ପୂର୍ବରୁ ସେହିସବୁ ଅଂଚଳରେ ଥିବା ପାରମ୍ପରିକ ଜଳ ଯୋଗାଣ ବ୍ୟବସ୍ଥାର ସବିଶେଷ ବିବରଣୀ ସଂଗ୍ରହ କରାଯାଉଛି । ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ସହିତ ନଳକୂପ, ଗଭୀର କୂପ ଆଦିରୁ ଯୋଗାଯାଉଥିବା ଜଳର ତାଲିକା ମିଳିବାପରେ ସେହିସବୁ ସ୍ଥାନରେ ଲୋକଙ୍କ ଆବଶ୍ୟକତାକୁ ଚାହିଁ କିଭଳି ସେମାନଙ୍କ ଘରେ ଜଳ ପହଂଚିବ ସେ ସଂକ୍ରାନ୍ତରେ କାର୍ଯ୍ୟଯୋଜନା ଚୂଡାନ୍ତ ହେବ । ଇତି ମଧ୍ୟରେ ଚାରିଟି ଜିଲ୍ଲାରେ ଏହି ଯୋଜନା ଚୂଡାନ୍ତ ହୋଇସାରିଛି । ସେହିସବୁ ଜିଲ୍ଲା ଗୁଡିକ ହେଲା ଝାରସୁଗୁଡା, କେନ୍ଦୁଝର, ଅନୁଗୁଳ ଓ ନୂଆପଡା। ତେବେ ପୂର୍ବରୁ ପାନୀୟଜଳ ଯୋଗାଣ ପାଇଁ ସରକାର ଜିଲ୍ଲାୱାରୀ ଅର୍ଥ ପ୍ରଦାନ କରୁଥିବାବେଳେ ଖଣିଜ ଭିତିକ ଜିଲ୍ଲାରେ ଅନ୍ୟ ସ୍ରୋତ ବିଶେଷକରି ବିଭିନ୍ନ ସଂସ୍ଥାର ସିଏସଆର ପାଣ୍ଠି କିମ୍ବା ଖଣିଜ ଉନ୍ନୟନ ପାଣ୍ଠିରୁ ଅର୍ଥ ଆସି ଜଳଯୋଗାଣ ପାଇଁ ପଦକ୍ଷେପ ନିଆଯାଉଥିଲା । କିନ୍ତୁ ପ୍ରଥମଥର ପାଇଁ ରାଜ୍ୟ ସରକାର ଏଭଳି ନୂତନ ଯୋଜନା ପ୍ରସ୍ତୁତ କରିଛନ୍ତି । ତେଣୁ ଏହି ଯୋଜନାଲାଗି ରାଜ୍ୟ ସ୍ତରରେ ଏକକାଳୀନ ଅର୍ଥ ବରାଦ ହେବ । ଯାହା ଫଳରେ ଯୋଜନା ରୂପାୟନ କରିବା କ୍ଷେତ୍ରରେ ଆଉ ପ୍ରତିବନ୍ଧକ ରହିବନାହିଁ ବୋଲି ଜଣାଯାଇଛି । ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିବାବେଳେ ଏବେ ସେମାନଙ୍କ ଘରେ ଜଳ ଯୋଗାଣ ଟ୍ୟାପ୍ ଖଞ୍ଜିବାପାଇଁ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଏକ ଅଭିନବ ଯୋଜନା ହୋଇଥିବାରୁ ଏହା ଯେଭଳି ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ ହେବ ତାହା ଉପରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱଆରୋପ କରିଛନ୍ତି।

## 'ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଆମେ ସଂକଳ୍ପବଦ୍ଧ'

**ଭୁବନେଶ୍ୱର:** ପ୍ରତ୍ୟେକ ଶିଶୁ ମଧ୍ୟରେ ପର୍ଯ୍ୟାପ୍ତ ପ୍ରତିଭା ରହିଛି । ଅନୁକୂଳ ପରବେଶ ଏବଂ ସୁଯୋଗ ମିଳିଲେ ଅନ୍ତର୍ନିହିତ ପ୍ରତିଭାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରିବ । ଶିଶୁମାନଙ୍କ ମଧ୍ୟରେ ଥିବା ବିବିଧ ଦକ୍ଷତା ଏବଂ ପ୍ରତିଭାର ପ୍ରକାଶ ଓ ବିକାଶ ନିମନ୍ତେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଜାତୀୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯେଗୀତାରେ କୃତୀ ପ୍ରତିଯେଗୀମାନଙ୍କ ନିମନ୍ତେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଆଜିର ଶିଶୁ କାଲିର ଭବିଷ୍ୟତ । ପରିବାର, ସମାଜ ଏବଂ ସରକାରଙ୍କ ସମନ୍ୱିତ ଉଦ୍ୟମରେ ପ୍ରତ୍ୟେକ ଶିଶୁ ସଫଳତାର ଶୀର୍ଷରେ ପହଂଚିପାରିବ। ଶିଶୁମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ସଦସ୍ୟ ସଚିବ କୁମାର ସୁଲତାନା ବେଗମ୍ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତ ପ୍ରଧାନ, ମିଶନ ଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ଶାସନ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୦୧୩, ୨୦୧୫, ୨୦୧୬ ଏବଂ ୨୦୧୭ ମସିହା ପାଇଁ ଜାତୀୟସ୍ତରରେ ପୁରସ୍କୃତ କୃତୀ ପ୍ରତିଯୋଗୀ ମାନଙ୍କୁ ଭାରତୀୟ ଶିଶୁ କଲ୍ୟାଣ ଦ୍ୱାରା ପ୍ରଦତ ପଦକ, ମାନପତ୍ର ଏବଂ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଚିତ୍ରଗୁଡ଼ିକୁ ନେଇ ପ୍ରକାଶ କରାଯାଇଥିବା ଶିଶୁ ପ୍ରତିଭା ନାମକ ଏକ ଚିତ୍ରଗ୍ରନ୍ଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ଭୀମଭୋଇ ବିଦ୍ୟାଳୟର ଶିଶୁ କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ପରିଷଦର ଶିଶୁ କଲ୍ୟାଣ ଅଧିକାରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶାରେ ଜଳବାୟୁ ଅନୁକୂଳ କୃଷି ପାଇଁ ସହାୟତା କରିବ ବିଶ୍ୱ ବ୍ୟାଙ୍କ

# ଲାଭାନ୍ୱିତ ହେବେ ୧୫ ଜିଲ୍ଲାର ୧.୨୫ ଲକ୍ଷ ଚାଷୀ

**ଭୁବନେଶ୍ୱର, (ପିଆଇବି):** ଭାରତ ସରକାର, ଓଡ଼ିଶା ସରକାର ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟରେ ୧୬ କୋଟି ୫୦ ଲକ୍ଷ ଆମେରିକୀୟ ଡଲାରର ଏକ ଋଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅଧିକ ମରୁଡ଼ି ପ୍ରବଣ ତଥା ବର୍ଷା ଜଳ ଉପରେ ନିର୍ଭରଶୀଳ ଗ୍ରାମାଞ୍ଚଳରେ 'ଜଳବାୟୁ ଅନୁକୂଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ' କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲାର ପାଖାପାଖି ୧ ଲକ୍ଷ ୨୫ ହଜାର କ୍ଷୁଦ୍ର ଚାଷୀ ପରିବାର ଲାଭାନ୍ୱିତ ହୋଇପାରିବେ ଏବଂ ୧ ଲକ୍ଷ ୨୮ ହଜାର ହେକ୍ଟର ଜମିରେ କୃଷି କାର୍ଯ୍ୟ ହୋଇପାରିବ। ଏହି ପ୍ରକଳ୍ପ ଜରିଆରେ କ୍ଷୁଦ୍ର ଚାଷୀଙ୍କୁ ପାଣିପାଗ କୁପ୍ରଭାବରୁ ସୁରକ୍ଷିତ ରହୁଥିବା କିସମର ବିହନ ଏବଂ ଉତ୍ପାଦନ ପ୍ରଯୁକ୍ତି ସମେତ ଉତମ ଜଳ ପରିଚାଳନା ଏବଂ ଜଳସେଚନ ସେବା ଯୋଗାଇ ଦିଆଯିବ। ଉତ୍ପାଦନର ବିପଣନ ପାଇଁ ଅଧିକ ବିବିଧ ତଥା ଉନ୍ନତ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ। ଫଳରେ ସେମାନେ ନିଜ ଫସଲକୁ ସୁରକ୍ଷିତ ରଖିବା ସହିତ ନିଜର ଆୟ ବୃଦ୍ଧି କରିପାରିବେ। ଏହି ଅବସରରେ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଶ୍ରୀ ସମୀର କୁମାର ଖାରେ କହିଥିଲେ ଯେ ଭାରତ ସରକାର ଜଳବାୟୁ ପରିବର୍ତନ ଉପରେ ଆଧାରିତ ଜାତୀୟ କାର୍ଯ୍ୟ ଯୋଜନା ଅନ୍ତର୍ଗତ ବିଭିନ୍ନ ଅଭିଯାନକୁ କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀ ଏବଂ ପ୍ରଯୁକ୍ତିକୁ ବ୍ୟାପକ ଭାବେ ଲାଗୁ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ୨୦୩୦ ସୁଦ୍ଧା କୃଷି ସଂକ୍ରାନ୍ତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଲାଗି ଆମେ ପ୍ରତିବଦ୍ଧ। ଏଥିପାଇଁ ଭାରତ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଅନେକ ଯୋଜନା ମଧ୍ୟରୁ ଓଡ଼ିଶାର ଏହି ଯୋଜନା ଅନ୍ୟତମ। ଏହି ଋଣ ଚୁକ୍ତିରେ ଭାରତ ସରକାରଙ୍କ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ସମୀର କୁମାର ଖାରେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ବିଶ୍ୱ ବ୍ୟାଙ୍କ ପକ୍ଷରୁ ଭାରତରେ ଅବସ୍ଥାପିତ ରାଷ୍ଟ୍ର ନିର୍ଦ୍ଦେଶକ ମିଃ. ଜୁନୈଦ ଅହମ୍ମଦ ସ୍ୱାକ୍ଷର କରିଥିଲେ। ଗତ କିଛି ବର୍ଷ ଧରି ପାଣିପାଗରେ ଦେଖାଦେଇଥିବା ଅସ୍ଥିରତା କାରଣରୁ ଓଡ଼ିଶାରେ କୃଷି କ୍ଷେତ୍ର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ମୁଖ୍ୟତଃ ଦୁଇ ହେକ୍ଟରରୁ କମ ଚାଷ ଜମି ଥିବା ଚାଷୀମାନେ

## ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ୧୬ କୋଟି ୫୦ ଲକ୍ଷ ଆମେରିକୀୟ ଡଲାରର ଋଣ ଚୁକ୍ତି

## ୧ ଲକ୍ଷ ୨୮ ହଜାର ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ ପ୍ରକଳ୍ପ

କୃଷି କାର୍ଯ୍ୟ କରିଥାନ୍ତି। ଦିନକୁ ଦିନ ଅଧିକରୁ ଅଧିକ କୃଷି କ୍ଷେତ୍ର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ପୂର୍ବରୁ ପ୍ରତି ୫ ବର୍ଷରେ ଥରେ ମରୁଡ଼ି ଦେଖାଦେଉଥିବା ବେଳେ ୨୦୦୯ ପରଠାରୁ ଏହା ହାରାହାରି ପ୍ରତି ୨ ବର୍ଷରେ ଥରେ ଦେଖାଦେଉଛି। ୧୯୭୦ରେ ରାଜ୍ୟର ୪୦ ପ୍ରତିଶତ କୃଷି କ୍ଷେତ୍ର ମରୁଡ଼ି ପ୍ରବଣ ଥିବା ବେଳେ ବର୍ତମାନ ୭୦ ପ୍ରତିଶତ କୃଷି କ୍ଷେତ୍ର ପ୍ରତି ମରୁଡ଼ି ବିପଦ ରହିଛି। ଏପରିକି ୨୦୧୩ ପରଠାରୁ ପାରମ୍ପରିକ କ୍ଷେତ୍ରକୁ ବାଦ ଦେଲେ ଅନ୍ୟ ଅଂଚଳ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହେଉଛି। ଶୁଷ୍କ କ୍ଷେତ୍ର ଆହୁରି ଶୁଷ୍କ ହୋଇ ଚାଲିଥିବା ବେଳେ ଆର୍ଦ୍ର କ୍ଷେତ୍ର ଆହୁରି ଆର୍ଦ୍ର ହେଉଛି। ଓଡ଼ିଶାରେ ଗ୍ରୀନହାଉସ ଗ୍ୟାସ ନିର୍ଗମନର ପ୍ରମୁଖ ଉତ୍ସ ହେଉଛି କୃଷି କ୍ଷେତ୍ର। ରାଜ୍ୟର ପାଖାପାଖି ୨୫ ପ୍ରତିଶତ ଗ୍ରୀନହାଉସ ଗ୍ୟାସ କୃଷି କ୍ଷେତ୍ରରୁ ହିଁ ନିର୍ଗମନ ହୋଇଥାଏ।

"ସାରା ରାଜ୍ୟରେ କ୍ଷୁଦ୍ର ଚାଷୀମାନେ ଜଳବାୟୁ ପରିବର୍ତନର କୁଫଳ ଭୋଗୁଛନ୍ତି। ଅସ୍ଥିର ଏବଂ ଚରମ ପାଣିପାଗ ଚାଷୀଙ୍କ ଉତ୍ପାଦନ ଏବଂ ଆୟ ହ୍ରାସ କରିବାରେ ଲାଗିଛି" ବୋଲି ବିଶ୍ୱ ବ୍ୟାଙ୍କ ରାଷ୍ଟ୍ର ନିର୍ଦ୍ଦେଶକ ମିଷ୍ଟର ଜୁନୈଦ ଅହମ୍ମଦ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ପ୍ରକଳ୍ପ ରାଜ୍ୟର କୃଷି କ୍ଷେତ୍ର ପାଇଁ ବ୍ୟାପକ ପରିବର୍ତନ ଆଣିପାରିବ। ଏହା ଅଧିକ ଜଳବାୟୁ ଅନୁକୂଳ ଫସଲ ଉତ୍ପାଦନ ପ୍ରଣାଳୀ ବିକଶିତ କରିବ, ଖାଦ୍ୟ ସୁରକ୍ଷାକୁ ବୃଦ୍ଧି କରିବ, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବ ତଥା ଏହି କ୍ଷେତ୍ରରେ ଗ୍ରୀନ ହାଉସ ଗ୍ୟାସର ପ୍ରଭାବକୁ ହ୍ରାସ କରିବ ବୋଲି ସେ କହିଥିଲେ। ଏହି ପ୍ରକଳ୍ପ ଜରିଆରେ ୫୩୨ଟି ଜଳ ଭଣ୍ଡାରର ପୁନରୁଦ୍ଧାର କରାଯିବ ଯାହାଦ୍ୱାରା ୯୧,୪୩୫ ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ। ଏହାଦ୍ୱାରା ମଧ୍ୟ ଚାଷ ଜମିରେ ଉତ୍ପାଦକତା ବୃଦ୍ଧିକୁ ପ୍ରୋତ୍ସାହନ ଏବଂ ଚାଷୀଙ୍କୁ ଖାଦ୍ୟ ଶସ୍ୟ, ବିଶେଷ କରି ଧାନ ଓ ଗହମ ଉପରେ ଅଧିକ ନିର୍ଭରଶୀଳତା ହ୍ରାସ ଦିଗରେ ସହାୟତା କରାଯିବ। ଉଚ୍ଚମୂଲ୍ୟର ଅଧିକ ପୋଷକ ଉତ୍ପାଦ ଯଥା ଫଳ ଓ ପରିବା ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରାଯିବ। ଚାଷୀଙ୍କୁ ବିପଣନ ସହାୟତା ଯୋଗାଇ ଦିଆଯିବ ଯଦ୍ଦ୍ୱାରା ସେମାନେ ଅଧିକ ଲାଭ ପାଇପାରିବେ। ପୁନରୁଦ୍ଧାର ହୋଇଥିବା ଜଳଭଣ୍ଡାରରେ ଜଳୀୟ କୃଷି ପାଇଁ ଏହି ପ୍ରକଳ୍ପ ଜରିଆରେ ସହାୟତା ଦିଆଯିବ। କୃଷକମାନଙ୍କୁ ସୁଲଭ ଏବଂ ଉନ୍ନତମାନର ଯାଆଁଳ ଯୋଗାଇ ଦିଆଯିବ। ଏହାଛଡ଼ା ସେମାନଙ୍କୁ ଜଳୀୟ କୃଷି ଏବଂ ଅଣ କୃଷି ଋତୁରେ ଆୟ ପାଇଁ ସହାୟତା ଉପଲବ୍ଧ କରାଯିବ। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକଳ୍ପର ନେତୃତ୍ୱ ନେଉଥିବା ବରିଷ୍ଠ କୃଷି ବିଶେଷଜ୍ଞ ଶ୍ରୀ ରଞ୍ଜନ ସାମନ୍ତରାୟ କହିଛନ୍ତି ଯେ ଜଳଭଣ୍ଡାରର ପୁନରୁଦ୍ଧାର ଦ୍ୱାରା ରାଜ୍ୟରେ କୃଷି ଅଧିକ ଉତ୍ପାଦନକ୍ଷମ ଏବଂ ଜଳବାୟୁ ଅନୁକୂଳ ହୋଇପାରିବ। ଏହି ପ୍ରକଳ୍ପ ଜରିଆରେ ଜଳବାୟୁ ଅନୁକୂଳ କୃଷି ପାଇଁ ସହାୟତା ଯୋଗାଇ ଦିଆଯିବା ସହିତ ସୁନିଶ୍ଚିତ ଜଳସେଚନ କ୍ଷେତ୍ରକୁ ଅଧିକ ଚାଷ ଜମି ଆସିପାରିବ। ଏହା ଜଳ ଉପଯୋଗ ଦକ୍ଷତା ମଧ୍ୟ ବୃଦ୍ଧି କରିବ ବୋଲି ସେ କହିଥିଲେ। ଏହି ୧୬ କୋଟି ୫୦ ଲକ୍ଷ ଡଲାର ଋଣ ଅନ୍ତର୍ଜାତୀୟ ପୁନଃନିର୍ମାଣ ଏବଂ ବିକାଶ ବ୍ୟାଙ୍କ (ଆଇବିଆରଡି) ଠାରୁ ନିଆଯାଇଛି। ଏହାର ମୋଟ ଅବଧି ୨୪ ବର୍ଷ ହୋଇଥିବା ବେଳେ ୬ ବର୍ଷର ମହଲତ ଅବଧି ରହିଛି।







# ବୋଝ ନହୋଇ ସମ୍ପଦ ହୁଅ

ଭାରତ ଭଳି ଏକ ପବିତ୍ର ଓ ପୁଣ୍ୟ ଭୂମିରେ ଅନେକ ମୁନିଋଷି, ତପସ୍ୱୀ, ଯଶସ୍ୱୀ, ବିଦ୍ୱାନ ଓ ଗୁଣି ବ୍ୟକ୍ତି ଜନ୍ମ ଲାଭ କରିଥିଲେ। ସତ୍ୟ, ଅହିଂସା, ତ୍ୟାଗ ଓ ତପସ୍ୟାର ଭୂମି ଭାବେ ଜଣାଶୁଣା ଏ ଦେଶରେ ଅନେକ କାଳଜୟୀ କବି ଲେଖକ ଜନ୍ମଗ୍ରହଣ କରି ନିଜର ସର୍ଜନା ବଳରେ ବିଶ୍ୱକୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି। ମଣିଷ ସମାଜକୁ ଶୃଙ୍ଖଳିତ ଓ ଧୈର୍ଯ୍ୟବାନ କରାଇବା ପାଇଁ ଅନୁଭବର କଷଟି ପଥରକୁ ବାରମ୍ବାର ଶାଣିତ କରି ସେମାନେ ଯେଉଁ ରଚନା କରିଥିଲେ ସେଥିରେ ମଣିଷ ଭଳି ମଣିଷ ହୋଇ ବଞ୍ଚିବାକୁ ଅନେକାନକ ଉପାଦାନ ଭରି ରହିଛି। ଯେମିତିକି 'ଅଧର୍ମର ଧନ ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ' ପରି 'ପୁତ୍ର ଯେବେ ଯୋଗ୍ୟ ହୁଏ ଧନ କାହିଁପାଇଁ ସଞ୍ଚୁ, ପୁତ୍ର ଯେବେ ଅଯୋଗ୍ୟ ହୁଏ ଧନ କାହିଁପାଇଁ ସଞ୍ଚୁ' ଭଳି କଠିନ-ମଧୁର ପରାମର୍ଶମର ମହତ୍ୱ ଏବେ ସମସ୍ତେ ପ୍ରାୟ ଅନୁଭବ କରୁଛନ୍ତି। କାରଣ ଯେଉଁ କ୍ଷେତ୍ରରେ ଗରିବ ମାଆ-ବାପା ମାନେ ନିଜର ପିଲାଙ୍କୁ ମଣିଷ କରିବା ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ବା ରକ୍ତକୁ ଝାଳ କରି ବୁହାଇ ଦେଇଛନ୍ତି ସେମାନଙ୍କ ସନ୍ତାନ ମଣିଷ ନହେଲେ କିଭଳି ମାନସିକ ଅବସାଦ ଓ ଯନ୍ତ୍ରଣା ଜୀବନକୁ କ୍ଷତାକ୍ତ କରିଦେଉଛି ଓ ଦୁର୍ବିସହ କରି ପକାଉଛି ତାହା ଅଙ୍ଗେ ଲିଭାଇଥିବା ଲୋକ ହିଁ ବୁଝିପାରିବ। ସାମ୍ପ୍ରତିକ ସମୟରେ ବସ୍ତୁବାଦର ମୋହ ଓ ମିଛ ଆଭିଜାତ୍ୟର ଆବରଣ ଭିତରେ ଯୁବପିଢ଼ି କିଭଳି ନିଜକୁ ବିକଶିତ କରିବା ବଦଳରେ ପିତା-ମାତାଙ୍କ ଉପରେ ବୋଝ ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ତାହା ଚିନ୍ତାର ବିଷୟ। ଗମ୍ଭୀରତାର ସହିତ ଏକଥା ବିଚାରକୁ ନେଲେ କିମ୍ବା ଏହାକୁ ବାରମ୍ବାର ତର୍ଜମା କଲେ ଯେଉଁ ନିଷ୍କର୍ସ ବାହାରେ ସେଥିରେ ସେହି କାଳଜୟୀ କବିତାର ଶବ୍ଦ ଗୁଡିକ କିଭଳି ସୁସଜ୍ଜିତ ହୋଇ ଭବିଷ୍ୟତ ପାଇଁ ରାସ୍ତା ଦେଖାଇବ ବୋଲି ଅପେକ୍ଷା କରିଥିଲା ତାହା ବେଶ୍ ଜଣାପଡେ। ଆଧୁନିକତାର ପ୍ରଭାବରେ ଦିଗଭ୍ରଷ୍ଟ ହେଉଥିବା ଯୁବପିଢ଼ିଙ୍କ ବିଷୟରେ ଚିନ୍ତା କଲେ ବୁଝିହେବ ଯେ, ଏହି କଥା ଗୁଡିକର ମହତ୍ୱ କେତେ ଅଧିକ ଓ କେତେ ଶାଣିତ। ପ୍ରତ୍ୟେକ କଥାରେ ପ୍ରଗଳ୍ଭତା, ଚଞ୍ଚଳତା ଓ ଅଧିକରୁ ଅଧିକ ଲାଳସା ଯୁବପିଢ଼ିକୁ କିଭଳି ଦିଗଭ୍ରଷ୍ଟ କରୁଛି ଓ ସେମାନେ ବାଟହୁଡି ଅବାଟରେ ମାଡି ଚାଲିଛନ୍ତି ତାହା ବାସ୍ତବ ଚିନ୍ତାଧାରା ଠାରୁ ଢେର ଉର୍ଦ୍ଧ୍ୱରେ ରହିଛି। ଯେଉଁ ବୟସରେ ସେମାନେ ନିଜେ ଉପାର୍ଜନ କରି ପରିବାର ଓ ପିତା-ମାତାଙ୍କ ଯତ୍ନ ନେବା କଥା ସେ ବୟସରେ ସେମାନେ ଅତ୍ୟନ୍ତ ବେପରୁଆ ଢଙ୍ଗରେ ଜୀବନ ଅତିବାହିତ କରିବା ସହିତ ସମୟର ଅସଦ୍ ଉପଯୋଗ କରି ଚାଲିଛନ୍ତି ଏବଂ ସେମାନଙ୍କ ଭବିଷ୍ୟତ କିଭଳି ନଷ୍ଟ ହୋଇଯାଉଛି ତାହା ଜାଣିପାରୁ ନାହାନ୍ତି। ଉତ୍ତମ ଶିକ୍ଷା ପାଇବା ସତ୍ତ୍ୱେ କୁସଙ୍ଗରେ ପଡି ଏମାନେ ଭଲମନ୍ଦର ବିଚାର ନକରିପାରିବା ଫଳରେ ଏହାର ପରିଣାମ ପରିବାର ଉପରେ ପଡୁଛି। ଯେଉଁମାନେ ପରିବାରର ସମ୍ପଦ ଭାବେ ପରିଗଣିତ ହେବା କଥା ସେମାନେ ପରିବାର ଉପରେ ଯେତେବେଳେ ବୋଝ ପାଲଟୁଛନ୍ତି ସେତେବେଳେ ବାପା-ମାଆ ଅନନ୍ୟୋପାୟ ହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ବ୍ୟତିରେକ ଆଉ କିଛି ରାହା ପାଉନାହାନ୍ତି। ସାମାଜିକ ଦୃଷ୍ଟିକୋଣ ହେଉ କିମ୍ବା ଆଧ୍ୟାତ୍ମିକ ବିଚାରଧାରାରେ ବିଚାର କଲେ ଏହା ସର୍ବାଦୌ ଗ୍ରହଣୀୟ ନୁହେଁ। କାରଣ ସନ୍ତାନମାନଙ୍କୁ ପାଳିବା ପାଇଁ ବାପା-ମାଆ ନିଜ ସାଧ୍ୟମତେ ଯେଉଁ ପ୍ରୟାସ ଜାରି ରଖିଥାନ୍ତି ତାହା ନିଜର ବୃଦ୍ଧାବସ୍ଥା ସମୟରେ ଆଶ୍ରା ଟିକେ ପାଇବା ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡେ।

ସମ୍ପାଦକୀୟ

ତାରକ ମହାନ୍ତି



ଯୋଗ୍ୟତା ଠାରୁ ଅଧିକ ଲୋଡୁଥିବା ସନ୍ତାନସନ୍ତତି ପଥଭ୍ରଷ୍ଟ ହେଲେ ଏହାର ପ୍ରଭାବ ପରିବାର ଉପରେ ଯେତିକି ପଡିଥାଏ ସମାଜ ଉପରେ ମଧ୍ୟ ସେତିକି ପଡିଥାଏ। ଯୁବପିଢ଼ି ଭ୍ରଷ୍ଟ ହେଲେ ଏହାର ପ୍ରଭାବ ପ୍ରଥା, ପରମ୍ପରା, ଚଳଣି ଓ ବିକାଶ ଉପରେ ପଡିଥାଏ। ଯେଉଁମାନେ ପରିବାରରେ ଗର୍ବ ଓ ଗୌରବର ବାର୍ତ୍ତାବହ ହେବା କଥା ସେମାନେ ଯେତେବେଳେ କହନିଖିତ ଓ କଣ୍ଟକିତ ପଥରେ ଯାତ୍ରା କରି କେବଳ ଦୁର୍ଭାଗ୍ୟକୁ ଟାଣି ଆଣନ୍ତି ସେତେବେଳେ ପରିବାରର ଅବସ୍ଥା କ'ଣ ହୁଏ ତାହା ଯେଉଁମାନେ ଅନୁଭବ କରିନାହାନ୍ତି ଅନ୍ତତଃ ଅନୁମାନ କରିପାରିବେ। ପୂର୍ବେ ଶ୍ରବଣ କୁମାରଙ୍କ ଭଳି ପୁତ୍ରମାନେ ପିତା-ମାତାଙ୍କୁ କାନ୍ଧରେ ବସାଇ ତୀର୍ଥରେ ନେବା ସହ ସେମାନଙ୍କ ସେବା କରିବାକୁ ପୁଣ୍ୟ ବୋଲି ମନେ କରୁଥିଲେ ଓ ତଦନୁସାରେ ନିଜର ଜୀବନଚର୍ଯ୍ୟାକୁ ରୂପ ଦେଉଥିଲେ ସେମାନେ କାଳେ କାଳେ ମହାନ। କାରଣ ଆଜିର ପିଲାମାନଙ୍କ ଠାରୁ ସେମାନଙ୍କ ତ୍ୟାଗ କେତେ ଅଧିକ ଯେ ଏହା ଶବ୍ଦରେ କେବଳ ପ୍ରକାଶ କରିଦେଲେ ହେବନାହିଁ। କାରଣ ପାରିବାରିକ ବନ୍ଧନ ଏଭଳି ଏକ ବନ୍ଧନ ଯେଉଁଥିରେ ଶାନ୍ତି, ସୁଖ ଓ ପାରସ୍ପରିକ ବୁଝାମଣାର ଅମୃତ ଧାରା ବହିବା କଥା। ଯେତେବେଳେ ଏଥିରେ ଉଣା ହୁଏ ବା ପିଲାମାନେ ଉପରମୁହାଁ ହୋଇ କେବଳ ନିଜର ଚିନ୍ତା ଓ ଉଦ୍ଧତ ଭାବନାକୁ ସଫଳ କରିବାକୁ ଯାଇ ଯେଉଁ ଆଚରଣ କରନ୍ତି ତାହା ପରିବାର କିମ୍ବା ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଅପ୍ରାପ୍ତିର ଦୁଃଖକୁ ନେଇ ଯେଉଁ ଯୁବକମାନେ ନିଜ ଭିତରେ ସନ୍ତାପ କରୁଛନ୍ତି ସେମାନେ ଅନ୍ତତଃ ଭାବି ଦେଖିବା କଥା ତାଙ୍କର ପରିବାର ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ? ନିଜ ଦାୟିତ୍ୱରୁ ମୁକୁଳିଯାଇ ଅନ୍ୟକୁ ହଇରାଣ କରି ସୁବିଧା ସୁଯୋଗ ହାସଲ କରିବା ଏହା କେଉଁ ପ୍ରକାର ଶିଷ୍ଟତାର ପରିଭାଷା। ଏହା ଆଦୌ ବୁଝି ହୁଏନାହିଁ। ଉଦ୍‌ଭ୍ରାନ୍ତ ଯୁବକମାନଙ୍କ ପାଇଁ ତଳିତଳାନ୍ତ ହେଉଥିବା ପରିବାରର ଦୁର୍ଦ୍ଦଶା କଥା ଭାବିଲେ ସ୍ୱାଭାବିକ ଭାବେ ଜଣେ ଚେତନାଶୀଳ ମଣିଷ ଭିତରେ ବିଦ୍ରୋହ ଜାଗି ଉଠେ। ପ୍ରତିବାଦର ପ୍ରତିଫଳନ କେତେବେଳେ କିଭଳି ରୂପ ନିଏ ତାହା ଆଗରୁ କଳନା କରି ନହେଲେ ବି ନିଶ୍ଚୟ ଭୟାନକ। ମୃତ୍ୟୁ ପରେ ମଣିଷ ପାଇଁ ଆଉ କିଛି ଶାସ୍ତି ନଥାଏ। ଯେଉଁ ପୁତ୍ର-କନ୍ୟାମାନେ ନିଜ ପରିବାରକୁ ଏଭଳି ସ୍ଥିତିରେ ପକାଉଛନ୍ତି ଜାଣିରଖିବା କଥା ଯେ, ସେମାନେ ବି ଭବିଷ୍ୟତରେ ମାଆ-ବାପା ହେବେ। ତାଙ୍କ ପାଇଁ ମଧ୍ୟ ସମାନ ଯୁକ୍ତି ଓ ସମାନ ଉକ୍ତିର ଉପଯୋଗ କରାଗଲେ ସେମାନେ ଏହାର ସମାଧାନ କିପରି କରିପାରିବେ ତାହା ଭାବି ରଖିବା ଉଚିତ୍। କେବଳ ଅମଣିଆ ବଳଦ ପରି ଯୁଆଡେ ଇଚ୍ଛା ସିଆଡେ ମାଡିଗଲେ କ୍ଷେତରେ ଫସଲ ତ ହୁଏନାହିଁ ବରଂ ସାରା କ୍ଷେତ ଗୋଟେ ବାଲୁଙ୍ଗା ବିଲରେ ପରିଣତ ହୁଏ। ଯେଉଁଥିରୁ ଶସ୍ୟ ଅପେକ୍ଷା ବାଲୁଙ୍ଗା ଗଛର ଶୁଖିଲା ପତ୍ର ଓ ସାମାନ୍ୟ କିଛି ଖୁଦ କଣିକା ହିଁ ମିଳିଥାଏ। ଏଥିରେ ଗୋଟିଏ ପରିବାର ଚଳାଇବା ପାଇଁ କେତେ ଉପାର୍ଜନ ହୋଇପାରିବ ଯେ ସେ ରାଜକୀୟ ଶୈଳୀରେ ବଞ୍ଚି ଅନ୍ୟକୁ ବଞ୍ଚାଇ ପାରିବ। ଏହା ଆଜିର ସମାଜ ପାଇଁ ଏକ ବିରାଟ ସଙ୍କଟ ଓ ବଡ ପ୍ରଶ୍ନବାଚୀ। ଯେଉଁମାନେ ନିଜର ପିଲାମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି ସେମାନେ ପରିଣତ ବୟସରେ ଯେଉଁ ଅଭିସମ୍ପାତ ଦେଉଛନ୍ତି ତାହା ଆଦୌ ଶୁଭଙ୍କର ନୁହେଁ। ତେଣୁ ଦିଗହରା ଯୁବକ-ଯୁବତୀମାନଙ୍କୁ ଏତିକି କହିହେବ ଯେ, ଯେଉଁ ପରିବାରରେ ତୁମେ ଜନ୍ମଲାଭ କରିଛ ସେ ପରିବାରର ସୁରକ୍ଷା ଓ ସୁଖ ପାଇଁ ନିଜେ କଷ୍ଟ ସ୍ୱୀକାର କରି ଉଦାହରଣ ସୃଷ୍ଟି କର।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାଷାକୁ ନେଇ



ଗଜାନନ ମିଶ୍ର

ବ୍ୟକ୍ତିର ପରିଚୟ ରହିଥାଏ ଭାଷାରେ। ପୁନଶ୍ଚ କୁହା ହୋଇଛି ଭାଷା ହିଁ ଜୀବନୀ ଶକ୍ତି ଗୋଟିଏ ବ୍ୟକ୍ତିର ଗୋଟିଏ ଜାତିର। ଯାହାର ଭାଷା ଯେତେ ଶକ୍ତ ସେ ସେତେ ଶକ୍ତିଶାଳୀ। ମା ମାଟି ଓ ମାତୃଭାଷା ହେଉଛନ୍ତି ବ୍ରହ୍ମା ବିଷ୍ଣୁ ମହେଶ୍ୱର। ଏ ତିନିଙ୍କ ଅନୁପସ୍ଥିତିରେ ସବୁକିଛି ଶୂନ୍ୟ। ଆମର ସୌଭାଗ୍ୟ ଯେ ଆମ ପାଖରେ ଏ ତିନିଟା ମହଜୁଦ ରହିଛି। ଭାଷାରେ ଆମର ପରିଚିତି, ଆଉ ଏଇଟା ଆମକୁ ପୁନଃ ପ୍ରାପ୍ତ ହୋଇଛି ସେହି ପ୍ରବଳ ପରାକ୍ରମୀ ଇଂରେଜ ଶାସନଠାରୁ। ଭାଷା ବିହୁନେ ଯେତେବେଳେ ଆମେ ଇତଃସ୍ତତଃ ଥିଲେ, ସେତେବେଳେ ଇରେଜଗଣ ଆମର ସିଂହତ୍ୱକୁ ଠିକ୍ ଠଉରେଇ ଏକ ସ୍ୱତନ୍ତ୍ର ଭୂଖଣ୍ଡ ଦେଇ ଯୋଉ ମହାନ କାର୍ଯ୍ୟ କରିଯାଇଛନ୍ତି ତାହା ସବୁଦିନକୁ ମନେ ରହିବ, ଯଦିଓ ଦିନେ ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ଥିଲା ଆମର ରାଜ୍ୟ, କାଳକ୍ରମେ ପଡୋଶୀଙ୍କ ଚକ୍ରାନ୍ତ ଯୋଗୁଁ ଆମେ ଭୂମିହୀନ ହୋଇ ପଡିଥିଲେ। ପଡୋଶୀଙ୍କ କଟାକ୍ଷ- ଓଡିଆ ଏକଟା ସ୍ୱତନ୍ତ୍ର ଭାଷା ନଏ ଆମକୁ ଜଗାଇଲା ଆଉ ଆମରି ପୂର୍ବପୁରୁଷଙ୍କ ଦୟାରୁ ଆଜି ଆମଠି ପାଇଲେ ଭାରତବର୍ଷର ଅନ୍ୟତମ ଶାସ୍ତ୍ରୀୟ ଭାଷା, ଓଡିଆ ଭାଷା, ଆଜିର ଏ ଭାଷା , ଧନ୍ୟ ଆମ ରାଜ୍ୟ ଓଡିଶା। ୧୦୦ ବର୍ଷରୁ ବେଶୀ ହୋଇଥିଲେ ଏ ଭାଷାରେ ଲେଖିବାକୁ ତାଲିମ ଦେବାକୁ ପଡୁଛି, ଯାର ଅର୍ଥ ଏୟା ଯେ ଏ ଭାଷା ମାତୃଭାଷା ନୁହେଁ। ଯଦିଓ ଏ ଭାଷାରେ ଲେଖାପଢା ଦଶମ ଶ୍ରେଣୀଯାଏ ନ କରିଥିବା ଲୋକକୁ ଚାକିରୀରେ ପ୍ରବେଶ ନିଷେଧ ରହିଛି ବିଧି ନିୟମ। କିପରି ଭାଷା ? କିପରି ରାଜ୍ୟ? କିପରି ଲୋକ ପ୍ରତିନିଧି ?କିପରି ପ୍ରଶାସନ ? ? ଆଜି ବି ଆମେ ଲୋକଙ୍କ ଟିକସ ଟଙ୍କାକୁ ପାଣି ପରି ଫିଙ୍ଗି ବା ନଷ୍ଟ କରି ଦେବାରେ ଲାଗିଛୁଁ। କ୍ରିୟା ପ୍ରତିକ୍ରିୟା ନାହିଁ। କେତେ ଶହ ବା କେତେ ହଜାର ଟଙ୍କା ପାଇଁ ଆମ ପାଟି ବନ୍ଦ। ଧନ୍ୟ!

ଭାରତ ସ୍ୱାଧୀନତା ଲାଭ କଲାପରେ, ଭାରତର ପବିତ୍ର ଗ୍ରନ୍ଥ ଭାରତୀୟ ସମ୍ବିଧାନ ୧୯୫୦ରୁ ଲାଗୁ ହେଲା ପରେ ପ୍ରଥମ ସାଧାରଣ ନିର୍ବାଚନପରେ ଭାଷା ଆଇନ ତିଆରି ହେଲା ୧୯୫୪ ମସିହାର ଅକ୍ଟୋବର ମାସରେ, ଆଉ ଏହା ତତ୍ କ୍ଷଣାତ୍ ଲାଗୁ ହେଲା। ସେହି ଭାଷା ଆଇନରେ ସିଧାସଳଖ ଲେଖାଗଲା ସବୁ ବା ଯେ କୌଣସି କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। ଥରେ ରାଜ୍ୟରେ ଭାଷା ଆଇନ ଲାଗୁ ହୋଇଗଲେ ଆଉ ଇଂରେଜି ବ୍ୟବହାର ହୋଇ ପାରିବ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସମ୍ବିଧାନରେ ଆହୁରି ଅଛି ଯେ ସମ୍ବିଧାନ ଲାଗୁ ହେବାର ପନ୍ଦର ବର୍ଷଯାଏ ଇଂରେଜିଭାଷା କେନ୍ଦ୍ରର ସରକାରୀ ଭାଷା ଭାବରେ ରହି ପାରିବ। ଇଂ. ତା ୬.୬.୧୯୭୨ରେ ପୁନଶ୍ଚ ଓଡିଶା ସରକାର ବିଜ୍ଞପ୍ତି ଜାରି କଲେ ଅଧସ୍ତନ ଅଦାଲତର ପ୍ରମୁଖ ଭାଷା ଓଡିଆ ଅଟେ।

ଭାଷାକୁ/ ରାଜ୍ୟକୁ ଅସୁବିଧା କଲା ଭାଷା ଆଇନ ୧୯୫୪ର ସଂଶୋଧନ ୧୯୬୩/୬୪ରେ ଯୋଉଠି ନିର୍ଦ୍ଦେଶ ଥିଲା ଓଡିଶା ବିଧାନସଭାରେ ଓଡିଆ ସହିତ ଇଂରେଜିରେ ମଧ୍ୟ ଆଲୋଚନା ଚାଲି ପାରିବ। ଆଉ ଆମର କାର୍ଯ୍ୟପାଳିକା ଏଇ ସୁଯୋଗରେ ସମସ୍ତ କାର୍ଯ୍ୟ ପୁଣି ଇଂରେଜିରେ କରିବାକୁ ବାହାରିପଡିଲେ। କ୍ରମଶଃ ଅବସ୍ଥା ଏପରି ହେଲା ଆଉ ଓଡିଆ ଭାଷା ଆଦୌ ବ୍ୟବହାର କରାଗଲା ନାହିଁ। ଆଉ ଏହା ଫଳରେ ଓଡିଶା ପ୍ରଦେଶ ଯୋଉ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ତାହା ଆଉ ରହିଲା ନାହିଁ। ୧୯୮୫ ବେଳକୁ ପୁନଃ ଓଡିଆ ଭାଷାର ପ୍ରଚଳନ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଗଲା, ସଫଳ ହେଲା ନାହିଁ। ୨୦୦୧-୦୨ ମସିହାରେ ଏପରି ଜଣେ ବ୍ୟକ୍ତି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲେ ଯିଏ ଆଦୌ ଓଡିଆ ଲେଖିପଢି ଜାଣିଲେ ନାହିଁ, ଏ ଯାଏ ବି ବେଖାତିର ଭାବ ଯୋଗୁଁ କି କଣ ନିଜେ ସ୍ୱୟଂ ଶିଖିଲେ ନାହିଁ ଓଡିଆ ଭାଷା। କାର୍ଯ୍ୟାଳୟ/ ନ୍ୟାୟାଳୟମାନଙ୍କରେ ଓଡିଆ ଭାଷାକୁ ଆଉ ଗୁରୁତ୍ୱ ଦିଆଗଲା ନାହିଁ। ଇଂରେଜିମୟ ହୋଇଗଲା, ବିଦେଶୀ ଭାଷା ଯୋଗୁ ଲୋକେ କିଛି ଜାଣିପାରିଲେ ନାହିଁ, ରହିଗଲେ ଅନ୍ଧାରରେ। ଗୋଟେ ପ୍ରକାର ଗଣତନ୍ତ୍ରର ହତ୍ୟା କରାଗଲା କହିଲେ ଚଳେ। ଓଡିଶା ପ୍ରଦେଶର ମାନମର୍ଯ୍ୟାଦା ରହିଲା ନାହିଁ। ଯଦି ଓଡିଆ ଭାଷାରେ ଅଫିସ କାର୍ଯ୍ୟ ସମ୍ଭବ ହୋଇ ପାରୁ ନି, କୋସଲି ଭାଷାରେ କରାଯାଉ, ଅତି ସହଜ ଭାଷା। ମା ଖୀରରୁ ବାହାରିଛି ଏହା, ବର୍ଷା ଝରେ ଅଛି ଯାର। ପାବାଡ ଫଟା ଭାଷା ଏଇଟା। ଯଦି ଏହା ବି ନ ହେବ ତେବେ ଏହା ଓଡିଶା ବିଭାଜନର ଆଉ ଏକ ବୀଜ ବୁଣା ଯାଇଛି ବୋଲି କୁହାଯିବ! ସମଚିନ୍ତନ, ସମବିକାଶ ନ ହେଲାଯାଏ ଓଡିଶା ଏକ ବୋଲି କହି ହେବ ନାହିଁ, ଏହା ନିଶ୍ଚିତ।

ଓଡିଆ ଭାଷାର ପ୍ରଚଳନ ପାଇଁ ଆମେ ଆମରଣ ଅନଶନ କଲୁଁ ୨୦୧୫ରେ, ସରକାର ଭାଷା ଆଇନର ସଂଶୋଧନ କଲେ, ଆଉ ସେଇ ସଂଶୋଧନ କରିବା ବାହାନାରେ ସମଗ୍ର ବା ମୂଳ ଆଇନଟାକୁ ନଷ୍ଟ କରିଦେଲେ। ମୂଳ ଆଇନରେ ଥିଲା ସବୁ ବା ଯେ କୈଣସି କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ, ସଂଶୋଧନରେ ରହିଲା ଓଡିଆ ଭାଷା ବହୁଳ ଭାବରେ ବ୍ୟବହାର କରାଯିବ। ଖିଲାପକାରୀକୁ ଶକ୍ତ ଦଣ୍ଡ ରହିଲା ନାହିଁ। ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଆଉ କଣ ହେବ ରୋଗୀର? ବର୍ତମାନ ଓଡିଶା ପ୍ରଦେଶର ସ୍ଥିତି ହିଁ ଭୁଷୁଡି ପଡିଛି। କାହାରି ପାଖରେ ସମୟ ନାହିଁ, ଚେତନା ନାହିଁ। ଖାଲି ମାରି ଖାଇବାଟାକୁ ଶିଖିଛନ୍ତି ଭଲଭାବରେ ସଭିଏଁ। ଅମଲାତାନ୍ତ୍ରିକ କାରସାଦିର ଶିକାର ସମଗ୍ର ଓଡିଶା। ସଚିବ-ତାନ୍ତ୍ରିକ ଶାସନ ବଡ କଷ୍ଟକର । ମଦ ଓ ଟଙ୍କା ବଳରେ ଭୋଟ ପାଇଗଲେ ସୁଶାସନ ହୋଇ ପାରେ ନି। ଆଉ ଓଡିଶା ପ୍ରଦେଶର ଆବଶ୍ୟକତା ନାହିଁ, ଯେହେତୁ ଭାଷାକୁ ଗୁରୁତ୍ୱ ଦିଆ ଯାଉ ନାହିଁ! ଏହି ସୁଯୋଗରେ ଦାବି ଚାଲିଥିବା କୋଶଳପ୍ରଦେଶ, ଉଚ୍ଚ ନ୍ୟାୟାଳୟ ସହିତ ଯାହା ଦିନେ ଥିଲା ହେବା ଦରକାର। ଇତିହାସ ପୁଣି ଫେରେଇ ଦେବ ସବୁ କିଛି। ଏଥିପାଇଁ ଓଡିଶା ସରକାର ହିଁ ଦାୟୀ ରହିବେ। ପିଲା ଭୋକରେ, କାନ୍ଦିବ, ଭାଙ୍ଗିବ, ରଡିବ। ଦୋଷ ପିଲାର ନୁହଁ ବାପା ମା, ଅଭିଭାବକର। ହେତୁକର। ସବୁଜିଲ୍ଲାରୁ କେତେ ଆୟ ବା ରାଜସ୍ୱ ଆସୁଛି କେତେ ସେଇ ଜିଲ୍ଲାରେ ଖର୍ଚ୍ଚ ହେଉଛି ଖୋଲାଖୋଲି ପ୍ରକାଶ ପାଉ। ମାଟିର ଭାଷା ସଂସ୍କୃତିର ସୁରକ୍ଷା କରାଯାଉ। ନ ହେଲେ ଓଡିଶା ଏକ ହୋଇ କେବେ ରହିବ ନାହିଁ । ଗୋଟିଏ ଗୋଟୋଏ ଲୋକ ପାଇଁ ସମଗ୍ର ରାଜ୍ୟ ନଷ୍ଟ ହୋଇଯିବ। ଏହା ସୁନିଶ୍ଚିତ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

# କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ। ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା। ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ। ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା। ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ। ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି''। ଏଇ କାଳୀ କିଏ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ। ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା। ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ। ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ। କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ। ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ। ଏହି ଶକ୍ତି ହେଲା ଜୀବନୀ ଶକ୍ତି। ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ। ଶକ୍ତି ପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରନ୍ତି। ପୂର୍ବକାଳରେ ଦସ୍ୟୁ ଓ ଡକାୟତ ମାନେ କାଳୀପୂଜା କରି ଡକାୟତି କର୍ମରେ ଅଗ୍ରସର ହେଉଥିଲେ। ବର୍ତ୍ତମାନ ମା'କାଳୀଙ୍କୁ ସମ୍ମୁଖରେ ରଖି ସମାଜର ଆମପରି କିଛି ଯୁବକ ନାଚ, ମଦ୍ୟପାନ ଓ ଅର୍କେଷ୍ଟାରେ ବ୍ୟସ୍ତ ରହୁଛନ୍ତି - ତାହା କିନ୍ତୁ ଶକ୍ତିପୂଜାର ମହିମା ନୁହେଁ। ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ବହିଃ ପ୍ରକାଶ ମାତ୍ର। ତେଣୁ ଶକ୍ତି ବୃଦ୍ଧି ନହୋଇ ଶକ୍ତିହୀନ ହେଉଛୁ ଆମ୍ଭେମାନେ। ଅସତ୍ ବିରୁଦ୍ଧରେ ଯୁଦ୍ଧ କରିବାର ଶକ୍ତି ଆଜି ଆମ୍ଭମାନଙ୍କର ନାହିଁ। ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ଆମ୍ଭେମାନେ ସଚେତନ ହୋଇଉଠି ପାରୁନାହୁଁ। ମା'ଭଉଣୀଙ୍କୁ ସମ୍ମାନ ଦେଉନାହୁଁ, ଅନ୍ୟର କ୍ଷତି କରିବା ଏପରିକି ଜୀବନନାଶ କରିବା ପାଇଁ ମଧ୍ୟ ଆମେ ପଛାଉନାହୁଁ। ଏହାକି ଶକ୍ତି ପୂଜାର ଫଳ? ଯିଏ ବିଶ୍ୱ ପ୍ରସବିନୀ କଲ୍ୟାଣମୟୀ ମା', ତାଙ୍କର ପୂଜା କରି ଚରିତ୍ରରେ ଅଧଃପତନ ହେବା ତାଙ୍କର ପୂଜା ନୁହେଁ। ପୂଜା ମଣ୍ଡପରେ ମାଇକ୍‌ରେ ବିଭିନ୍ନ କୁରୁଚିପୂର୍ଣ୍ଣ ଯୌନଉଦ୍ଦୀପକ ସଙ୍ଗୀତ ବଜାଇ ସମସ୍ତେ ମସ୍‌ଗୁଲ ରହନ୍ତି।

ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି। ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା। ଏହା ହେଉଛି ମା'କାଳୀଙ୍କର ଏକ ରୂପ। ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ। ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ। ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା। ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା। ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ। ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା। ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି। ଥରେ ଛାତ୍ରାବସ୍ଥାରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଜଣେ ସାଙ୍ଗ ସହିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରକୁ ଯାଇଥିଲେ। ସେତେବେଳେ ଦ୍ୱିପ୍ରହର ପୂଜା ସରିଛି ମାତ୍ର। ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାହେଉଛି। ବାଳକ ଅନୁକୂଳଚନ୍ଦ୍ରଙ୍କୁ ପ୍ରସାଦ ଦେବା ପୂର୍ବରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା ଓ ପ୍ରସାଦ ବିତରଣ ମଧ୍ୟ ବନ୍ଦ ହେଲା। କିନ୍ତୁ ବାଳକ ଅନୁକୂଳ ସେତେବେଳେ କ୍ଷୁଧାର୍ତ୍ତ, ପ୍ରସାଦ ନପାଇ କ୍ଷୁଧାର୍ତ୍ତ ଅବସ୍ଥାରେ ଅଭିମାନରେ ମନ୍ଦିର ବାରଣ୍ଡାର ଏକ ଗଛଛାଇରେ ଶୋଇ ପଡ଼ିଲେ। ନିଦ୍ରାବସ୍ଥାରେ ବାଳକ ଅନୁକୂଳଚନ୍ଦ୍ର ସ୍ୱପ୍ନ ଦେଖିଲେ - ମା'ଶ୍ୟାମା, ମୁକ୍ତକେଶୀ, ସୀମନ୍ତରେ ସିନ୍ଦୂର, ଲାଲପାହାଡ ଶାଢ଼ୀ ପିନ୍ଧି ଆସିଛନ୍ତି। ଗୋଟିଏ ହାତରେ ଏକ ଗ୍ଲାସପାଣି, ଆଉ ଗୋଟିଏ ହାତରେ ବରଫି ସନ୍ଦେଶ ମିଷ୍ଟି। ଏଇ ରୂପ ବର୍ଣ୍ଣନା କରୁ କରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବହୁବାର କହିଛନ୍ତି - ଦେଖିବାକୁ ଠିକ୍ ମୋ ମା'ପରି। ମା ଆସ୍ତେ ଆସ୍ତେ ଆସି ବାଳକ ଅନୁକୂଳର ମୁଣ୍ଡକୁ ଉଠାଇ ନେଇ କୋଳରେ ରଖି ମୁଖ ପାଖରେ ସନ୍ଦେଶ ଧରି ଆଦରରେ କହିଲେ - ଖା। ବାଳକ ଅନୁକୂଳ ଅଭିମାନ ଭରେ କହିଲେ - ନା, ମୁଁ ଖାଇବି ନାହିଁ। ମୋତେ ସେତେବେଳେ ଭୋକ ଲାଗୁଥିଲା, କିନ୍ତୁ ପ୍ରସାଦ ଦିଆ ହେଲାନାହିଁ କାହିଁକି? ମୁଁ ବର୍ତ୍ତମାନ ଖାଇବି ନାହିଁ। ସେତେବେଳେ ମା'ସସ୍ନେହେ ହସି ହସି କହିଲେ - ଏତେ ପିଲାମାନଙ୍କ ସାମ୍ନାରେ ମୁଁ କି ତୁମ ପାଖକୁ ଆସିପାରିବି? ଏହାପରେ ମା'ବସି ପରମ ଆଦରରେ ମୋତେ ସନ୍ଦେଶ ଓ ପାଣି ପିଆଇଲେ। ନିଦରୁ ଭାଙ୍ଗି ବାଳକ ଅନୁକୂଳ ବୋଧ କଲେ ତାଙ୍କ କ୍ଷୁଧା ବା ତୃଷ୍ଣା କିଛି ନାହିଁ। ଦକ୍ଷିଣେଶ୍ୱରରୁ ଚାଲି ଚାଲି କଲିକତା ପହଞ୍ଚିଲେ ମଧ୍ୟ ତାଙ୍କୁ ଭୋକ ବା ଶୋଷ କିଛି ଲାଗି ନଥିଲା। ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ। ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତ୍ତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା'।

*ସହ-ପ୍ରତିରତ୍ୱିକ,ହେପାଟୋଲୋଜି ବିଭାଗ*
*ଏସ୍‌ସିବି ମେଡିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

*ଦାନମ୍*

ଗୋଟିଏ ସୁନ୍ଦର କଥା ଅଛି। ଜଣେ ସେଠ୍‌ଙ୍କ ଠାରେ ଖୁବ୍ ଧନ ଥିଲା। ସେ ଦାନ ଦେବାକୁ ଲାଗିଲେ। ଜଣେ ବ୍ୟକ୍ତି ପଚାରିଲେ ସେଠ୍। ଆପଣଙ୍କ ପାଖେ କେତେ ଜମା ଅଛି? ସେଠ୍ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଯେତିକି ଦାନ ଦେଲି ସେତିକି ଜମା ଅଛି। କଥାରେ ତାତ୍ପର୍ଯ୍ୟ ଥିଲା ଯେ, ସେ ଯେତିକି ସତମାର୍ଗରେ ଖର୍ଚ୍ଚ କରିଛନ୍ତି ସେହି କର୍ମ ହିଁ ତାଙ୍କର ସଞ୍ଚିତ ଧନ। ଲୋକେ ସ୍ୱାମୀ ଶ୍ରୀ ଶିବାନନ୍ଦଙ୍କୁ ଗିଭାନନ୍ଦ କହୁଥିଲେ। ଶ୍ରୀ ଗୁରୁଦେବ କହୁଥିଲେ ତୁମେ ଦୁଇ ହାତରେ ଦେବ କିନ୍ତୁ ତୁମକୁ ନିରନ୍ତର ଈଶ୍ୱରଙ୍କ କୃପା ପ୍ରାପ୍ତ ହେବ। ଭୂଇଁରେ ଆମେ ଗୋଟିଏ ମଞ୍ଜି ପୋତୁଛେ ଅର୍ଥାତ ଭୂଇଁକୁ ଗୋଟିଏ ମଞ୍ଜି ଦାନ କରୁଛେ ତ' ସେ ଆମକୁ ଅଜସ୍ର ଫଳ ଦାନ କରୁଛି। ଏହାହିଁ ପ୍ରକୃତିର ନିୟମ। କଥାରେ ଅଛି ଶହେରେ ଜଣେ ବୀର, ହଜାରରେ ଜଣେ ପଣ୍ଡିତ, ଦଶହଜାରରେ ଜଣେ ବକ୍ତା ପରନ୍ତୁ ଦାତାଟିଏ ମିଳିବା ଅତ୍ୟନ୍ତ ଦୁର୍ଲଭ।

ଦାନବୀର କର୍ଣ୍ଣଙ୍କୁ ଜନ୍ମରୁ କବଚ କୁଣ୍ଡଳ ମିଳିଥିଲା। ଇନ୍ଦ୍ର ବ୍ରାହ୍ମଣ ବେଶରେ ମାଗିବାରୁ କର୍ଣ୍ଣ ତାହା ଦାନ କରି ଦେଇଥିଲେ। ସେଥିପାଇଁ ତାଙ୍କୁ ଅମରତାର ବରଦାନ ତ୍ୟାଗ କରିବାକୁ ପଡିଥିଲା। ଶରଣାଗତ ବତ୍ସଳ ଶିବି ଗୋଟିଏ ପାରାର ଜୀବନ ବଞ୍ଚାଇବାକୁ ଯାଇ ନିଜ ଶରୀରର ମାଂସ କାଟି ଦାନ କରିଥିଲେ। ଏକ ସର୍ପର ପ୍ରାଣ ରକ୍ଷା କରିବା ପାଇଁ ଜୀମୁତବାହ ନିଜକୁ ଗରୁଡଙ୍କ ଠାରେ ସମର୍ପିତ କରିଥିଲେ। ମହର୍ଷି ଦଧିଚି ବଜ୍ର ତିଆରି କରିବା ପାଇଁ ଇନ୍ଦ୍ରଙ୍କୁ ମେରୁଦଣ୍ଡ ହାଡ ଦାନ କରିଦେଇଥିଲେ। ଏଭଳି ଅନେକ ଉଦାହରଣ ରହିଛି ଯେଉଁମାନେ ଦାନୀ ଭାବରେ ଅଦଭୁତ ଭାବନାର ଶିକ୍ଷଣ ସମାଜକୁ ଦେଇ ଯାଇଛନ୍ତି।

ଶ୍ରୀମଦ ଭାଗବତ ଗୀତାରେ ଶ୍ରଦ୍ଧାତ୍ରୟ ବିଭାଗ ଯୋଗରେ ସାତ୍ତ୍ୱିକ, ରାଜସିକ, ତାମସିକ ଦାନର ବର୍ଣ୍ଣନା ରହିଛି। ସାତ୍ତ୍ୱିକ ଦାନ - କିମ୍ବଦନ୍ତିରେ ଅଛି କବୀର ଦାନ ଦେବା ସମୟରେ ନିଜ ମସ୍ତକ ଝୁଙ୍କାଇ ଦାନ ଦେଇଥିଲେ କାରଣ ସେ ଦାନର ପ୍ରଦର୍ଶନ କରିବା ଚାହୁଁ ନଥିଲେ। ଏହାକୁ ହିଁ ସାତ୍ତ୍ୱିକ ଦାନ କୁହାଯାଏ। ଈଶ୍ୱରଙ୍କର ପୂଜାର୍ଚ୍ଚନା ଭାବି ପଶୁ, ପକ୍ଷୀ, ବୃକ୍ଷ ଲତା ସମସ୍ତଙ୍କର ସେବା ଓ ସହାୟତା ସତ୍ତ୍ୱପ୍ରଧାନ ସେବା ବା ଦାନ ଅଟେ। ରାଜସିକଦାନ - ରାଜସିକ ଦାନରେ ଭାବନା ଥାଏ ଯେ ମୁଁ ଯଦି କାହାକୁ କିଛି ଦାନ କରିବି ତେବେ ସେ ଭବିଷ୍ୟତରେ ମୋ କାମରେ ଆସିପାରେ। ସମ୍ମାନ ଆଶ, ପ୍ରତିଷ୍ଠା ଦେଖାଇବା, କାହାର ଧମକକୁ ଡରି ଦାନ, ଅନଶନରେ ବସିଥିବା ଲୋକଙ୍କୁ ଦାନ ଇତ୍ୟାଦି ରାଜସିକ ଦାନ କୁହାଯାଏ। ତାମସିକ ଦାନ - କଂସାଇକୁ ଗାଈ ଦେବା ତଥା ପାଖଣ୍ଡି, ହିଂସୁକ, ନିନ୍ଦୁକ, ସ୍ୱାର୍ଥୀ ଅଭକ୍ଷ ଭୋଜନ କରୁଥିବା ବ୍ୟକ୍ତିକୁ, ମଦୁଆକୁ, ବ୍ୟଭିଚାରୀକୁ ଜୁଆ ଖେଳୁଥିବା ବ୍ୟକ୍ତିକୁ ଦାନ ତାମସିକ ଦାନ କୁହାଯାଏ। କାହାକୁ ଧିକାର କରି ଦାନ ଦେବା ମଧ୍ୟ ତାମସିକ ଦାନ ଅଟେ।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଲୀ ଦାଶ

ଶେଷରେ ଏତିକ କୁହାଯିବ ଯେ -

ହସ୍ତୌ ଦାନ ବିବର୍ଜିତୌ ଶ୍ରୁତି ପଟୌ ସାରସ୍ୱତ ଦ୍ରୋହିତୋଃ।

ନେତ୍ରେ ସାଧୁ ବିଲୋକେନ ରହିତେ ପାଦୌ ନ ତୀର୍ଥଂଗତୌ।

ଅନ୍ୟାୟାର୍ଜିତବିତ୍ତ ପୂର୍ଣ୍ଣ ସୁନ୍ଦରଂ ଗର୍ବେଣ ତୁଙ୍ଗଃ ଶିରଃ।

ରେ ରେ ଜମ୍ବୁକ ମୁଂଚ ମୁଂଚ ସହସା ନିନ୍ଦା ସୁନୀତଂ ବପୁଃ।।

ଯାହାର ହାତ କେବେ ଦାନ ଦେଇନାହିଁ, ଯାହାର ଜ୍ଞାନ କେବେ ଭାଗବତ ବାଣୀ ଶୁଣିନାହିଁ, ଯାହାର ନେତ୍ର କେବେ ସନ୍ଥଙ୍କର ଦର୍ଶନ କରିନାହିଁ, ଯାହାର ପାଦ କେବେ ତୀର୍ଥଯାତ୍ରା କରିନାହିଁ, ଯିଏ ଅନ୍ୟାୟ, ଅନୀତିରେ ଧନ ରୋଜଗାର କରିଛି, ଯିଏ ଅହଂକାରରେ କାହା ପାଖରେ ମୁଣ୍ଡ ନୁଆଏଁ ନାହିଁ ଏଭଳି ମଣିଷର ମୃତ ଶରୀରକୁ ହେ ଶିଆଳ! ତୋର ବି ଖାଇବାର ଯୋଗ୍ୟ ନୁହେଁ।

(କ୍ରମଶଃ)

# ଅନୁତାପ

**ପ୍ରଶାନ୍ତ କୁମାର ରଥ**





**ବା**ହାଘର ଦୁଇଟି ମନର ମିଳନ। ଅଗ୍ନିକୁ ସାକ୍ଷୀ ରଖି ଦେବୀ ଚାରିପଟେ ସାତ ଘେରା ବୁଲିଗଲେ ଦୁନିଆଟା ସିନା ତାକୁ ବାହାଘର କହିଥାଏ। ହେଲେ ପ୍ରକୃତରେ କ'ଣ ବାହାଘରର ମାନେ କଣ ସେୟା ? କେତେବେଳେ ସେହି ବାହାଘର କାହାର ଅନିଚ୍ଛା ସତ୍ତ୍ୱେ ହୋଇଥାଏ ତ କେତେବେଳେ କାହାକୁ ଜୋର ଜବରଦସ୍ତି କାହା ବେକରେ ଛନ୍ଦି ଦିଆଯାଇଥାଏ। ପରବର୍ତ୍ତୀ ସମୟରେ ସେମାନଙ୍କ ବୈବାହିକ ଜୀବନରେ ମତ ପାର୍ଥକ୍ୟ ଦେଖା ଦେଇଥାଏ ଓ ପରିବାରରେ ଅଶାନ୍ତି ଲାଗି ରହିଥାଏ। ସମୟ ଥିଲା ପୁଅ ଝିଅମାନେ ପରିବାରର ସ୍ୱୀକୃତିକୁ ସମ୍ମାନ ଦେଇ ବାହା ହୋଇଯାଇଥିଲେ। ଆଉ ନିଜର ଭାଗ୍ୟକୁ ଆଦରି ଜଣେ ଅନ୍ୟକୁ ଆଦରି ନେଉଥିଲେ। ଆଉ ନିଜର ବୈବାହିକ ଜୀବନ ହସ ଖୁସିରେ କାଟି ଦେଉଥିଲେ। ଧୀରେ ଧୀରେ ସେହି ପରମ୍ପରା ବଦଳିବାକୁ ଲାଗିଲା। ବିବାହ ପୂର୍ବରୁ ପୁଅ ଝିଅ ମାନଙ୍କୁ ସାମ୍ନାସାମ୍ନି ଦେଖିବାର ସୁଯୋଗ ମିଳିଲା। ଆଉ ପରିବାର ଲୋକମାନେ ସେମାନଙ୍କ ଠାରୁ ଅନୁମତି ନେଇ ଏହି ବିବାହ କାର୍ଯ୍ୟ ସମ୍ପାଦନ କଲେ। ପୁଣି କିଛି ପରିବର୍ତ୍ତନ ଆସିଲା ପୁଅ ଝିଅ ମାନଙ୍କୁ ଖୋଲାଖୋଲି ଭାବେ ମିଶିବାର ସୁଯୋଗ ଦିଆଗଲା। ଜଣେ ଅନ୍ୟ ଜଣଙ୍କର ପସନ୍ଦ ନାପସନ୍ଦ ଭଲ ମନ୍ଦ ଇତ୍ୟାଦି ବିଷୟରେ ଅବଗତ ହେଲା ପରେ ଯଦି ସେମାନେ ଅନୁଭବ କଲେ ଦୁହେଁ ଦୁହିଁଙ୍କ ସହିତ ସୁଖ ଶାନ୍ତିରେ ରହି ପାରିବେ ତା'ହେଲେ ବିବାହ ସ୍ଥିର କରାଗଲା। ଅବଶ୍ୟ ଏ କ୍ଷେତ୍ରରେ ପ୍ରେମ ବିବାହର କଥା ଅଲଗା। ଆଉ ଯୌତୁକ ପ୍ରଥାଟି ପ୍ରଥମରୁ ଆଜି ଯାଏ ମଧ୍ୟ ରହି ଆସିଛି। କିନ୍ତୁ ଧୀରେ ଧୀରେ ତାହା ବଦଳିବାରେ ଲାଗିଛି। ଯୌତୁକର ଅର୍ଥ ହେଲା କିଛି ଦାବି କରିବା। ଆଗରୁ ପୁଅମାନଙ୍କ ଯୋଗ୍ୟତାକୁ ମାପି କେତେବେଳେ ଝିଅ ଘର ସ୍ୱଇଚ୍ଛାରେ ଏହି ଯୌତୁକ ପ୍ରଦାନ କରୁଥିଲେ ତ କେତେବେଳେ ବରଘର ତରଫରୁ ଦାବି କରାଯାଉଥିଲା। ଏବେ କିନ୍ତୁ ସମୟ ବଳଦି ଯାଇଛି ଏବେ ବରପାତ୍ର ପାଇଁ କନ୍ୟା ମିଳିବା ମଧ୍ୟ କଷ୍ଟ ହୋଇ ପଡିଲାଣି। ଯୌତୁକ କଥା ଦୂରେ ଥାଉ ଏବେ କନ୍ୟା ଘର ତରଫରୁ ଦାବି କରିବା ଆରମ୍ଭ ହୋଇଗଲାଣି। ସେଦିନ ରାଧାକାନ୍ତ ସାହୁ ଆଉ ତାଙ୍କ ସ୍ତ୍ରୀ ମାଳତୀ ଦେବୀ ଯାଇଥିଲେ କନ୍ୟା ଘରକୁ ନିଜର ପୁଅ ପାଇଁ କନ୍ୟାପାତ୍ରୀ ଦେଖିବାକୁ। ଆଉ ସେମାନେ କିଛି ପଚାରିବା ଆଗରୁ ଦୁହେଁ କହି ପକାଉଥିଲେ 'ଆଜ୍ଞା ଆମର ଗୋଟିଏ ବୋଲି ପୁଅ। ଆମେ ବୁଢ଼ାବୁଢ଼ୀ ଅନ୍ତେ ସବୁ ସମ୍ପତି ସେ ହିଁ ଉପଭୋଗ କରିବ। କେଉଁଥିରେ ଅଭାବ ନାହିଁ। ଆପଣ ଖାଲି ହଁ କହିଦେଲେ, ବିବାହ ସାଙ୍ଗେ ସାଙ୍ଗେ କରିଦେବା। ଆପଣଙ୍କ ଝିଅ ମାଲିକାଣୀ ହୋଇ ରହିବ। କୋଉଥିଲେ ଅଭାବ କରିବୁନି।

'କ୍ଷମା କରିବେ ଆଜ୍ଞା, ଆପଣଙ୍କ ପୁଅର ଉଚ୍ଚତା ଟିକେ କମ, ମୋ ଝିଅ ନାପସନ୍ଦ କରୁଛି। ସିଏ ଚାହୁଁଛି ଅନ୍ତତଃ ଛଅ ଫୁଟ ଉଚ୍ଚତା ଥିବା ଭଳିଆ ବର ଗୋଟେ। ନଥିଲେ ବି ଚଳିବ ଅନ୍ତତଃ ପକ୍ଷେ ଘରେ ବଡ କାରଟିଏ ଥିବ। ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ।'

ସେସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ। ଆପଣ ଖାଲି ହଁ କୁହନ୍ତୁ। ଦେଖନ୍ତୁ ବହୁ ଆଶା କରି ଆସିଛୁ। ବାର ଦୁଆର ଶୁଣ୍ଢିପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି। ଆପଣ ଯଦି ଚାହାନ୍ତି ଆମେ ଅଗ୍ରୀମ କିଛି ଅର୍ଥ ଦେବାର ବ୍ୟବସ୍ଥା ବି କରିଦେବୁ। ଆପଣ ଖାଲି ହଁ କୁହନ୍ତୁ।

ଦେଖନ୍ତୁ ଦୁନିଆରେ ଝିଅଙ୍କ ସଂଖ୍ୟା କମି କମି ଯାଉଛି। ଆମର ବହୁତ ଜାଗାରୁ ପ୍ରସ୍ତାବ ଆସୁଛି। ସମସ୍ତେ ଥିଲା ବାଲା ଘର। ଆଉ ସେମାନେ ଆମର ସବୁ ପ୍ରସ୍ତାବ ଆଉ ସର୍ତ୍ତରେ ମଧ୍ୟ ରାଜି ହେଉଛନ୍ତି, ତେଣୁ ଆମେ ଏତେ ଭଲ ଭଲ ପ୍ରସ୍ତାବ ଛାଡି ତୁମ ପୁଅ ସାଙ୍ଗେ ବାହାଘର କରେଇବୁ କାହିଁକି। ଏମିତିତ ଆମ ଝିଅ ତୁମ ପୁଅକୁ ପସନ୍ଦ କରୁନି। ତା'ପରେ ବି ସିଏ କିଛି କାମଦାମ ଶିଖିନି। ଫେସବୁକ ହ୍ୱାଟ୍‌ସଆପରେ ତା'ର ଦିନ ବିତୁଛି। ମାସକୁ ମାସ ତା'ର ଇଣ୍ଟରନେଟ୍ ପ୍ୟାକ ମଧ୍ୟ ଦରକାର। ତୁମ ଘରେ ଚାକର ବାକର ମଧ୍ୟ ନାହାନ୍ତି। ତେଣୁ ମୋ ଝିଅକୁ ତୁମ ପୁଅ ସହିତ ବାହା ଦେଇପାରିବୁନି, ତୁମେ ଅନ୍ୟ ଆଡେ ଦେଖ। ମନ ଦୁଃଖରେ ଘରକୁ ଫେରି ଆସିଲେ। ସଂଧ୍ୟା ଗଡି ରାତି ହେଲା ସେମିତି ବିଛଣାରେ ପଡିଥାନ୍ତି କିନ୍ତୁ ଆଖିକୁ ନିଦ ଆସୁନଥାଏ। ପୁଅକୁ ଆସି ୩୨ ବର୍ଷ ହେଲାଣି। ଏଯାଏଁ ତା' ପାଇଁ କନ୍ୟା ପାତ୍ରିଟେ ଯୋଗାଡ କରି ପାରିଲେନି। ମାଳତୀ ଦେବୀଙ୍କ ଆଖିରେ ନାଚି ଯାଉଥାଏ ପୂର୍ବର ସେହି ସବୁ କାହାଣୀ। ପୁଅ ଆଶା କରି ୪ଥର ସେ କନ୍ୟା ଭ୍ରୁଣହତ୍ୟା କରିଛନ୍ତି। ଯାହାର ଫଳ ସ୍ୱରୂପ ଆଜି ତାଙ୍କୁ ଏତେ ହୀନସ୍ତା ହେବାକୁ ପଡୁଛି। ଖାଲି ମାଳତୀ ଦେବୁ ନୁହେଁ ଦୁନିଆରେ ଅନେକ ପିତାମାତା ପୁଅ ଆଶାରେ କନ୍ୟା ଭ୍ରୁଣହତ୍ୟା କରୁଛନ୍ତି। ଯାହା ଫଳରେ ଆଜି ଝିଅଙ୍କ ସଂଖ୍ୟା କମି କମି ଯାଉଛି। ପୁଅ ମାନଙ୍କୁ ଝିଅ ମିଳୁନି ବିବାହ କରିବା ପାଇଁ। ବାକି ଯେତେ ଝିଅ ରହିଲେ ସେମାନଙ୍କ ସବୁ ଦାବି ପୂରଣ କରିବାକୁ ପୁଅମାନେ ସକ୍ଷମ ହୋଇ ପାରୁନାହାନ୍ତି। କିନ୍ତୁ ଯଦି କ୍ୟା ଭ୍ରୁଣହତ୍ୟା ନ ହୁଅନ୍ତା ତା'ହେଲେ କ'ଣ ଏତେ ଅସୁବିଧା ହୁଅନ୍ତା। ଆଜିକାଲି ଝିଅମାନେ କୌଣସି ଗୁଣରେ କମ ନୁହନ୍ତି। ଆଉ ଯଦି ଏମିତି ଚାଲୁ ରୁହେ ତା'ହେଲେ ଦିନ ଆସିବ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ନିଜର ପୁଅ ପାଇଁ ଝିଅଟିଏ ଯୋଗାଡ କରିବା ଅସମ୍ଭବ ହୋଇପଡିବ। ମାଳତୀ ଦେବୀ ଭାବୁଥାନ୍ତି ନିଶ୍ଚିତ ଏହା ମୋର କଳାକର୍ମର ଫଳ। ଯାହାର ପ୍ରାୟଶ୍ଚିତ କରିବା ପାଇଁ ମଧ୍ୟ ଉପାୟ ନାହିଁ।

*୩୮/୧, ଲକ୍ଷ୍ମୀପୁରା, ସାକଲବାରା ରୋଡ*
*ଜିଗିନି ହୋବଲି, ଅନେକଲ ତୁଲକ,*
*ବାଙ୍ଗାଲୋର*
*ଦୂରଭାଷ-୦୮୩୨୦୩୨୮୩୪୫*

# ତୁମେ ହିଁ ତମସା

**ରକ୍ଷକ ନାୟକ**





ଏତେ ବାଜା, ଏତେ ବାଣ
ଭିଡ଼, କାନ୍ଦବୋବାଳି, କାନଫଟା କରତାଳି
ସହିବାର ଡ଼େସିବଲ ଡ଼େଇଁଗଲାଣି ।

ତୁମକୁ ଏସବୁ ଛୁଉଁନି କେମିତି !
ପ୍ରତ୍ୟେକ ପାର୍ଶ୍ୱରୁ ପଟୁଆର ମାଡିଆସୁଛି
ନବରଙ୍ଗ, ଭେଳିକି ଭଳି କି ଭଳି
ସୋରିଷ ପକାଇବାକୁ ଜାଗା ନାହିଁ ସଡ଼କରେ
ଥାଟ ପଟାଳି, ସାହିତ୍ୟ ପାଲଟିଗଲାଣି
ବିକୃତ ସଙ୍କେତ, ମାୟାବୀ ଗଣିତ
ଆଖି ପରଦା ଉପରେ ହୋର୍ଡ଼ିଂ ମାରିଛି ସମୟ
ପୋଷ୍ଟରର ପୋଷାକ ପିନ୍ଧି
ଖେଳୁଛି ନଗ୍ନକାଳ ।

ତୁମକୁ ଏସବୁ ଦିଶୁନି କେମିତି !
ଭିଡ଼ ଭିତରେ ହାତଛଡ଼ା ହେଇଛି
ଆଜନ୍ମ ପାଳିତ ସ୍ୱପ୍ନ
ପୋଖରୀରେ ହଜାଇ ନଈରେ ଖୋଜାଚାଲିଛି
ବିଭ୍ରାନ୍ତିକୁ ଘୋଷଣା କରାଯାଇଛି ନିପାତନସିଦ୍ଧ
ସଡ଼କ ଆଁ କରି ଗିଳିଯାଉଛି ପାଦସବୁ
ଯୁଆଡ଼େ ଦେଖିବ; କ୍ଲୀବ ପର୍ବ
ମତ୍ତହସ୍ତୀ ଉପରେ ସୁକୁମାର ଭାଗ୍ୟ ।

ତୁମକୁ ଏସବୁ ଭେଦୁନି କେମିତି !
ବସନ୍ତ ଆସିଲା ନାହିଁ ଭିଡ଼ ଦେଖି
ବାଟ ଭାଙ୍ଗି ଚାଲିଗଲା
ନିଆଁ ବନାଟି ବୁଲେଇ ଆସୁଚି ସକାଳ
ଫେସ୍‌ବୁକ୍, ଟ୍ୱିଟର, ୱାଟ୍ସଆପ୍ ସବୁଠି
କାନ୍ଦ କାନ୍ଦ ଖରାବେଳ
ରାତି ତ ଚିରଦୁଃଖିନୀ, ସ୍ୱପ୍ନହରା
ତା କଥା ନ କହିବା ଭଲ ।

ତୁମକୁ ଏସବୁ ବାଧୁନି କେମିତି !
ତୁମେ କ'ଣ ଯୋଗୀ ପାଲଟିଗଲ
ନିର୍ବିକଳ୍ପ ସମାଧିରେ !
ତୁବେ କ'ଣ କବି ପାଲଟିଗଲ
ଅନାହତ ଆତ୍ମରତିରେ !
ଜବାବ ଦେବାକୁ ହେବ
ହକ୍ ମାଗିବାକୁ ହେବ
ଛଳନାର ଚଉପାଢ଼ି ଉପରକୁ ଯାଇ
ଚିଲେଇବାକୁ ହେବ
ଅଣ୍ଟା ଛୁଇଁଥିବା ପାଣି ତଣ୍ଟି ଛୁଇଁବା ଆଗରୁ
କିଛି ଗୋଟେ କରିବାକୁ ହେବ ।

ମୁଁ ଜାଣେ; ତୁମ ଦ୍ୱାରା କିଛି ହେବନି
କେବଳ ପ୍ରବଚନ କି ନଥିବା ବସନ୍ତର
ମଞ୍ଜୁଳ ବର୍ଣ୍ଣନା
ତୁମଠୁ ତ ଆରମ୍ଭ ଯେତେସବୁ
ଛଳ ଓ ଛଳନା ।

*ରାଜଭବନ, ଭୁବନେଶ୍ୱର-୮*
*ଭ୍ରାମ୍ୟଭାଷ:୯୪୩୭୧୭୧୪୪୦*

# ମୁକ୍ତି





**ଧରିତ୍ରୀ ମହାନ୍ତି**



ଦୁଇ ପକ୍ଷ ମେଲି ଉଡି ମୁଁ ଯାଆନ୍ତି
ନୀଳ ଗଗନର ବୁକୁଚିରି
ନଥାନ୍ତା ଶିକୁଳି ନଥାନ୍ତା ସେ ବେଡି
ମୁକ୍ତ ବିହଙ୍ଗ ମୁଁ ରାଜ ଶିରି
ଲୋଡା ନାହିଁ ମୋର ସୁବର୍ଣ୍ଣ ପଞ୍ଜୁରୀ
ସୁବର୍ଣ୍ଣ ଗିନାର ପୂର୍ଣ୍ଣ ଝରି,
ମୁକ୍ତ ଆଜି ମୁଁ, ହଁ ଯୁକ୍ତ ଅନନ୍ତରେ
ସାଥେ ଅବା ମୋର କିଏ ସରି।
ସ୍ନିଗ୍ଧ ସକାଳର ସୁନେଲୀ କିରଣ
ମୁକ୍ତା କାକର ଦିବ୍ୟ ବିନ୍ଦୁ
ପ୍ରକୃତି ମା' ସେ ଅପୂର୍ବ ନାୟିକା
ପ୍ରୀତି ଝରଣାର ଶତ ସିନ୍ଧୁ
ତାଙ୍କ ବୁକୁତଳେ ଝରିପଡେ କେତେ
ସୁଧା ଅମୃତର ପ୍ରୀତି ଝରା
ପାନ କରି ତାକୁ ତୃପ୍ତ ହୁଏ ଆତ୍ମା
ସ୍ପର୍ଶ ସ୍ୱର୍ଗର ପାବନ ପସରା।

*ନୟାପଲ୍ଲୀ, ଭୁବନେଶ୍ୱର*

# ଅକବିତା-ରାଜଧାନୀରେ ରାଧା

**ମାନିନୀ ମିଶ୍ର**



**ରା**ଜଧାନୀର ଡ୍ୟାନ୍ସବାର ବାଡିରେ
ଡ୍ରେସ କୋଡରେ ଓହଳିଛି ରାଧା
ରାଧା ଆଜିକାଲି କାଖେଇ ଜାଣେନା ଗରା
ହସୁଛି ରାଧା, ଉଡିଗଲାଣି କର୍ପୂର
ଅପନା ଟାଇମ ଆୟେଗା ଗାଉ ଗାଉ ଭୁଲିଗଲାଣି ମନ୍ଦିର
ଭୁଲ ହେଇଯାଉଛି ଶୁକ-ଶାରୀର ଦଣ୍ଡ ଗୀତ
ଆମାର ରାଧା ରସୁଲଗଡ଼ ଛକରେ
ମୌସୁମୀ ସହ ଢେଉ ଖେଳୁଛି
ଆଜିକାଲି ପୂଜା ଥାଳ ଅଲଗା
ପଡି ପଡି ଖସୁଛି କଦମ୍ବ ଫୁଲ, ପୁଞ୍ଜା ପୁଞ୍ଜା



ରାଧା ବୋଲି ହୁଏନା ଲାଲ ଟହଟହ ଲିପ୍‌ଷ୍ଟିକ୍
ସାଗୁଆରେ କଳା ଫୁଲ ପକା ନେଲ୍‌ପଲିସ୍
ଲାଗୁଥିବ ସବୁ ସକାଳକୁ ଠିକ୍ ଠାକ୍
ଦିପହରକୁ ଟ୍ରାଫିକ୍ ଛକରେ
ପର୍ଲ ମର୍ଲ ସିଗାରେଟ୍ ଜଳୁଥାଏ
ରାଧାର ଦୁଇ ଲମ୍ବା ଆଙ୍ଗୁଳିର ମଝି
ତା' ଚାରକୋଲ ଷ୍ଟ୍ରୋକ
ଫୁ କରି ଉଡେଇ ଦିଏ ମୁଣ୍ଡଫଟା ଖରା

ଏଇ ରାଧା ପାଇଁ
ବାଲି ସରସର ମଝି ନଈରେ
ଆହୁଲାକୁ ରଖି, କେଉଁ ଯୁଗୁ
ମାଝି ଗୀତ ଗାଉଛି ନାଉରିଆ
ଝିପ ଝିପ ଝିପ ଝିପ ବର୍ଷାରେ
ପିକ ଟାଇମ୍ ବରବାଦ
ଲ୍ୟାମ୍ପ ପୋଷ୍ଟ ଆଲୁଅରେ
ଝାପ୍‌ସା ଲାଗେ ରାଧା
ନୂଆଁ ଟ୍ରାଫିକ ନିୟମରେ ଫସି
କାଇର ଧାର ଲମ୍ବେ ଡିମିରୀ ଗଛକୁ
ପିଆଜ କିଲୋ ଷାଠିଏକୁ
ଡିମିରୀ ଫୁଲର ଭାଉ ଆଜି ଅଧା
ରାଧାର ନଥନିକୁ ଗିଳିଗଲା କେଉଁ ଅଜଗର
ରାସ୍ତା ମଝିରେ କଳା ଚଷମା ଟେକି
ଆଖି ନଚେଇ କାହାକୁ କହିଲା ରାଧା
ଏ କାଳିୟ ନାଗ, ଫଣା ତୋଳ, ମାର ଚୋଟ
ଜୀବନ ଚାଖୁଚିରେ ଜୀବନ ଚାଖିଚାଲିଛି
ତୁ ଆଉ କାହିଁ ବାକି ଥିଲୁ
ପରଖି ନିଏ ଥରେ ତୋ ଗରଳ !
ରାଧା ଆଜିକାଲି ଖୋଲିଛି
ମୋଟିଭେସନାଲ କ୍ଲାସ
କିଏ କାହାର ହୋ
କିଏ ରଖିବ ହିସାବ ?

ପାହାନ୍ତି ଆଲୁଅରେ ଏକ୍ସିଲିଟର ମୋଡି
ମୁହଁ ଲୁଚେଇ କିଏ ସାଏଁ କରି ଚାଲିଗଲା !
କିଏ ନ୍ୟୁଟ୍ରାଲରେ ତୁମ୍‌ତୁମାର ସାପ୍ତାହିକ ହାଟକୁ
ରଖି
ଖପଖାପ ଗିଳିଗଲା ପାହାଳ ରସଗୋଲା !
ପୁଣି ଦି'ପହରକୁ ରାଧା
ରାଜମହଲ ଛକରେ
ତା ହାପ ପ୍ଲେଟର ଆଳୁଦମ ଦହିବରାରେ
ଢାଳୁଥିବ, ପାଞ୍ଚଟା ହାତ ଚିକିଟା କଞ୍ଚାଲଙ୍କା।

*ସରକାରୀ ହସ୍ପିଟାଲ ପରିସର, ରେଢ଼ାଖୋଲ*
*ଦୂରଭାଷ :୮୨୪୯୩୪୨୩୪୬*

# ଅନ୍ତରଙ୍ଗ ପାହାଚ କୋଳରେ ଆନ୍ତରିକ ସ୍ୱର

## 'ସୃଜନର ପାହାଚ' ପାର୍ବଣ ସଂଖ୍ୟା - ଏକ ସର୍ବେକ୍ଷଣ

*ପ୍ରସ୍ତୁତି - ଉମାକାନ୍ତ ରାଉତ (ଅରୂପ)*




**ସ୍ଥୂ**ଳ ପ୍ରେମ କରିବା ଓ ମୃଣ୍ମୟତାର ଊର୍ଦ୍ଧ୍ୱରେ ପ୍ରେମର ଚିନ୍ମୟପରକୁ ଭୋଗିବା ଏକକଥା ନୁହେଁ। ବନ୍ଧ ଭାଙ୍ଗିଦେବାର ଦୁର୍ବାର ପାଗଳପଣ ପାଖରେ ବର୍ଷ ବର୍ଷର ବ୍ୟବଧାନ କେତେ ତୁଚ୍ଛ ଏବଂ ସମୟର ମଧୁର ଯନ୍ତ୍ରଣା ବି କେତେ ସୁଖମୟ, ସେଭଳି ଅଭିନବ ବିଷାଦ-ବିଳାସକୁ ଭୋଗିବାର ସୌଭାଗ୍ୟ ଲାଭ କରନ୍ତି ଯେଉଁ କେଇଜଣ କତିପୟ, ସେମାନଙ୍କ ମଧ୍ୟରେ 'ସୃଜନର ପାହାଚ' ପତ୍ରିକାର ସମ୍ପାଦକ କବି କମଳ କୁମାର ମହାନ୍ତି ଅନ୍ୟତମ। ଦାୟିତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଥାଇ ବ୍ରତ କରିଥିବା ପ୍ରବୃତ୍ତିକୁ ସାକାର କରିବା ପାଇଁ ଯେଉଁ ଲୁହ ଆଉ କୋହର ତର୍ପଣ କରିବାକୁ ପଡେ, ସେ କଥା, ଏ ଅକିଞ୍ଚନ ଛଡା ଆଉ କିଏ ବା ଅଧିକ ବୁଝିଛି ? ସେଥିପାଇଁ ଯୁକ୍ତିସମ୍ମତ ଭାବେ କୁହାଯାଇପାରେ, ସମଧର୍ମୀମାନଙ୍କୁ ଉପର ମହଲାକୁ ପହଞ୍ଚାଇ ଦେବାକୁ ତାଙ୍କର ଏ ପାହାଚର ପରିକଳ୍ପନା ପବନକୁ ବି ଗୁମ୍‌ମାରି ଠିଆ କରେଇଦିଏ ବଉଳଗଛ ଛାଇରେ... ନିଆଁ ଲାଗିଥିବା ସମୁଦ୍ରରୁ ଶବ୍ଦମାନଙ୍କୁ ଫେରାଇ ଆଣିପାରେ ମାଟିକୁ, ତ ଏକା ସାଙ୍ଗେ ବଜେଇ ଦେଇପାରେ ସବୁତକ ସାହାନାଇ ଏକ ସ୍ୱରରେ ...। ନା ଥାଏ ପାଇବାର ଆଶା, ନା ଥାଏ ହରାଇବାର ଆଶଙ୍କା- କେବଳ ଏକ ସାବଲୀଳ ଛନ୍ଦର ଅୟମାରମ୍ଭ.... ପାହାଚ ପରେ ପାହାଚ ଉଠିବାର ଅଭୀପ୍‌ସା- ସୃଜନର ପାହାଚ।

ଦେବୀମହିମା ପ୍ରକଟ କରୁଥିବା ଅର୍ଥପୂର୍ଣ୍ଣ ଆକର୍ଷଣୀୟ ପ୍ରଚ୍ଛଦ ଓ ସୁନ୍ଦର ପରିପାଟୀ ମଧ୍ୟରେ ଓଡ଼ିଶା ସଚିବାଳୟ ଲେଖକ ପରିଷଦ ପ୍ରାୟୋଜିତ ଏହି ପତ୍ରିକାରେ ସର୍ଜନ ଓ ସର୍ଜନକାର ମାନଙ୍କର ବିଭିନ୍ନ ପାହାଚ ଦେଇ ସ୍ୱଚ୍ଛନ୍ଦ ବିଚରଣର ପରିକଳ୍ପନା ମନୋମୁଗ୍ଧକର। ବିଭୁପ୍ରସନ୍ନ ଦାସଙ୍କ ପ୍ରଚ୍ଛଦ ଓ ପୃଷ୍ଠ ବିନ୍ୟାସ ସହ ଗିରିଜା ପ୍ରସାଦ ମିଶ୍ରଙ୍କ କଳା ସମ୍ପାଦନା ଏହାକୁ ଆହୁରି ରୋଚକ କରି ଗଢ଼ି ତୋଳିଛି।

ଏକ ଗଠନମୂଳକ ସମ୍ପାଦକୀୟରେ ଏବେ ଏବେ ଦୃଷ୍ଟିଗୋଚର ହେଉଥିବା ବିଳାସୀଲୋକର କ୍ରୀଡନକ ମାଇକ୍ରୋଫୋନ୍ ସର୍ବସ୍ୱ ସାହିତ୍ୟର ଅପରିଣାମଦର୍ଶିତାକୁ ତିରସ୍କାର କରିବା ସହ, ମଣିଷ ଓ ଜୀବନ ଆଧାରିତ କମନ୍ ମେନ୍‌ର ସାହିତ୍ୟ ହିଁ ଅସଲ ସାହିତ୍ୟ ବୋଲି ସେ ସତର୍କ କରାଇ ଦେଇଛନ୍ତି। କେବଳ ମଗଜ ଓ ପ୍ରଜ୍ଞାର ଶବ୍ଦଖେଳ ନ ହୋଇ ସାହିତ୍ୟ ହୃଦୟର ସ୍ୱର ସାଜି ତାହାର ଯୁଗପତ୍ ଚିରସ୍ଥାୟୀ ନାନ୍ଦନିକତାକୁ ବଜାୟ ରଖିବାକୁ ସେ ଆହ୍ୱାନ କରିଛନ୍ତି ତାଙ୍କର ବଳିଷ୍ଠ ଓ ଉପାଦେୟ ସମ୍ପାଦକୀୟରେ।

'ନିବନ୍ଧ ଓ ଫିଚର ପାହାଚ'ରେ କବି ଚିତ୍ତରଞ୍ଜନ ନାୟକଙ୍କ ଦ୍ୱାରା ସାତଜଣ ତରୁଣ କବିଙ୍କୁ ନେଇ ପ୍ରସ୍ତୁତ 'ତାରୁଣ୍ୟର ତାରକସି' ଏବଂ ଗିରିଜା ପ୍ରସାଦ ମିଶ୍ରଙ୍କ ଦ୍ୱାରା ବରିଷ୍ଠ କବି ରମାକାନ୍ତ ରଥ, ଜୟନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ବିପିନ୍ ନାୟକଙ୍କୁ ନେଇ ରୂପାୟିତ 'ପ୍ରିୟ କବିତା ପାହାଚ' ଅତ୍ୟନ୍ତ ହୃଦୟଗ୍ରାହୀ। ସେମିତି କବି ହୃଦୟର ଭାଷା 'ପ୍ରଷ୍ଟା ମାନଙ୍କରେ କବି ସୌଭାଗ୍ୟବନ୍ତ ମହାରଣା, ରକ୍ଷକ ନାୟକ, ନବଜ୍ୟୋତି ରାୟ ଓ ରଞ୍ଜିତା ପଣ୍ଡା ହୃଦୟର ସ୍ୱର ଓଜାଡିଥିଲା ବେଳେ 'ଗାଳ୍ପିକର ମର୍ମକଥା' କହିଛନ୍ତି ରବି ପଣ୍ଡା, କ୍ଷୀରୋଦ ଦାସ ଏବଂ ଅନ୍ୟମାନେ ନିଜ ନିଜ ବାଗରେ।

'ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ'ରେ ପ୍ରାବନ୍ଧିକ କୃଷ୍ଣବଳ, ରମାକାନ୍ତ ରାଉତ ଓ ସୁବ୍ରତ କୁମାର ଦାସ ଆଦି ପ୍ରାବନ୍ଧିକ ମାନଙ୍କର ଉତ୍କୃଷ୍ଟମାନର ପ୍ରବନ୍ଧ ଗୁଡିକୁ ପତ୍ରିକାର ଗୁଣବତ୍ତାକୁ ବେଶ୍ ସମୃଦ୍ଧ କରିଛି। 'ସଚ୍ଚି ରାଉତରାୟ କବିତା ପାହାଚ', 'ଗଡନାୟକ କବିତା ପାହାଚ', 'ମାନସିଂହ କବିତା ପାହାଚ' ଏବଂ 'ଜୀବନାନନ୍ଦ ଗୀତି କବିତା ପାହାଚ' ଯୁଗସ୍ରଷ୍ଟା ମାନଙ୍କର ସ୍ମୃତିଚାରଣ ସହ ଅମ୍ଳଜାନର ପ୍ରଶ୍ୱାସରେ ପତ୍ରିକାକୁ ବେଶ୍ ଜୀବନ୍ତ କରିପାରିଛି। ଅବକ୍ଷୟର ଲେସ୍‌ମାତ୍ର ଶଙ୍କା ନଥିବା ସ୍ଥୁଳ ଭାବେ ଦିବଂଗତ ମହାନ ଶିଳ୍ପୀ ମାନଙ୍କର ଅମରତ୍ୱର ପାହାଚ ମାନଙ୍କରେ ଏବର ବରିଷ୍ଠ ଓ କନିଷ୍ଠ ସୃଜନକାରୀଙ୍କ ସର୍ଜନା ସ୍ଥାପନ ପୂର୍ବକ ଏକ ସୁଦୃଢ଼ ବନ୍ଧ ବାନ୍ଧିବାର ସତ୍‌ପ୍ରୟାସ ନିଃସନ୍ଦେହରେ ଏକ ସମ୍ପାଦକୀୟ କଳାକୌଶଳ।

ଅବିକଳ ଢଙ୍ଗରେ 'ଫକୀର ମୋହନ କଥା ପାହାଚ', 'ଗୋଦାବରିଶ କଥା ପାହାଚ', 'ନୀଳମଣି ମିଶ୍ର ଅନୁବାଦ କଥା ପାହାଚ' ମାଧ୍ୟମରେ ବରେଣ୍ୟ ଗାଳ୍ପିକ ମାନଙ୍କର ସମୁଚିତ ଗଳ୍ପ ଗୁଡିକୁ ସ୍ଥାପିତ କରାଇ ସେମାନଙ୍କୁ ଅମରତ୍ୱର ହକ୍‌ଦାର କରାଇବାକୁ ପରୋକ୍ଷ ପ୍ରେରଣା ପରି ମନେ ହେଉଛି। ଯଥାର୍ଥରେ ଏହା ଏକ ସ୍ୱାଗତଯୋଗ୍ୟ, ସୁଚିନ୍ତିତ ସକାରାତ୍ମକ ସତ୍‌ପ୍ରୟାସ।

ପତ୍ରିକାଟିର ସମୁଜ୍ଜ୍ୱଳ ପ୍ରଚ୍ଛଦ, ପରିପାଟୀ, ଅଳଂକରଣ ଓ ଗର୍ଭଗୃହରେ ସାଇତା ଅମୂଲ୍ୟ ଉପାଦାନ ଗୁଡିକୁ ଆକଳନ କଲେ ଏହାର ମୁଦ୍ରିତ ମୂଲ୍ୟ ତୁଚ୍ଛ ମନେହୁଏ। ସାଇତିଲା ଭଳି ପତ୍ରିକାଟିଏ ନିଶ୍ଚୟ। ପାଖରେ ନ ରଖିଲେ ପସ୍ତେଇଲା ଭଳି ଲାଗିପାରେ। କିମାଧିକମ୍।

*ଗ୍ରାମ : ବିଜେଗଙ୍ଗାଧରପୁର (ହାତିସାହି)*
*ପୋ: ମଉଦା, ଜିଲ୍ଲା : ଭଦ୍ରକ*
*ଭ୍ରାମ୍ୟଭାଷ : ୯୭୩୭୨୬୭୧୨୫*








**ଶ୍ରୀମାନ ରିତେଶ**
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ମନ୍ଦିର
ୟୁନିଟ୍-୮, ଭୁବନେଶ୍ୱର

# ‘ଓଡ଼ିଶା – ମୋ ପରିବାର’ ଆରମ୍ଭ

**ଭୁବନେଶ୍ୱର:** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦଳର ସମାଜ ସେବା କାର୍ଯ୍ୟକ୍ରମ ‘ଓଡିଶା - ମୋ ପରିବାର’ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ୩ଟି କଥାକୁ ଗୁରୁତ୍ୱ ଦିଆଯାଇଛି । ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଲାଗି ବିଜେଡି କର୍ମୀମାନେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବେ ଓ ଲୋକଙ୍କୁ ସଚେତନ କରାଇବେ । ସେହିପରି ରକ୍ତଦାନ କାର୍ଯ୍ୟକ୍ରମ ସହ ଦେଶ ଓ ବିଦେଶରେ କାମ କରୁଥିବା ଓଡିଶାବାସୀଙ୍କୁ ବିପଦ ସମୟରେ ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ଦଳୀୟ କର୍ମୀମାନେ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ଅରୁପ କୁମାର ପଟ୍ଟନାୟକଙ୍କୁ ଆବାହକ ଭାବେ ନିଯୁକ୍ତି ଦେଇଛନ୍ତି । ସେହିପରି ପିନାକୀ ମିଶ୍ର , ଡା. ଅଚ୍ୟୁତନନ୍ଦ ସାମନ୍ତ , ଚନ୍ଦ୍ରଶେଖର ସାହୁ , ଅତନୁ ସବ୍ୟସାଚୀ ନାୟକ ଓ ନଳିନୀକାନ୍ତ ପ୍ରଧାନଙ୍କୁ ସହ ଆବାହକ ଦାୟିତ୍ୱ ଦିଆଯାଇଥିବା ବେଳେ ମନୋହର ରନ୍ଧାରୀ ,ଅନନ୍ତ ନାରାୟଣ ଜେନା , ସୁଧିର ସାମଲ , ସୁଶାନ୍ତ ରାଉତ, ସଂଜିବ ମଲ୍ଲିକ ,ଲତିକା ପ୍ରଧାନ , ରୀତା ତରାଇ , ଭାରତୀ ସିଂ , ସୁନିତା ବିଶ୍ୱାଳ , ସନ୍ଧ୍ୟାକୁମାରୀ ନାୟକ , ଡେଜାଲିନ୍ ମହାପାତ୍ର ଓ ଗୌରହରି ମିଶ୍ରଙ୍କୁ ସଭ୍ୟ ଭାବେ ନିଯୁକ୍ତ କରିଛନ୍ତି । ଶୁକ୍ରବାର ଦିନ ନବୀନ ନିବାସ ଠାରେ ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ଜନତା ଦଳ ଓଡିଶାବାସୀଙ୍କ ଆଶୀର୍ବାଦରେ ଓଡିଶା ମାର ସେବା କରି ଚାଲିଛି । ସେବା ସଂଗ୍ରାମ ଓ ସ୍ୱାଭିମାନ ହେଉଛି ଆମ ଦଳର ଆଦର୍ଶ । ଓଡିଶାବାସୀଙ୍କ ଆଶୀର୍ବାଦ ଆମର ଶକ୍ତି । ଚଳିତ ବର୍ଷ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀଙ୍କୁ ବିଜୁ ଜନତା ଦଳ “ଓଡିଶା -ମୋ ପରିବାର” କାର୍ଯ୍ୟକ୍ରମ ଜରିଆରେ ଶ୍ରଦ୍ଧା ଓ ସମ୍ମାନ ଜଣାଉଛି । ସେହିଭଳି ଓଡିଆମାନଙ୍କୁ ଭଲ ପାଉଥିବା , ଗରିବ ଓ ଦୁଃଖୀ ରଙ୍କଙ୍କ ପାଇଁ ସହାୟତାର ହାତ ବଢାଉଥିବା ବିଜୁ ବାବୁ ଆମର ଆଦର୍ଶ । ଏହି କାର୍ଯ୍ୟକ୍ରମ ତାଙ୍କ ପ୍ରତି ଶ୍ରଦ୍ଧାଂଜଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡିଶାବାସୀଙ୍କ ଆଶୀର୍ବାଦ ମୋତେ ସେବାର ସୁଯୋଗ ଦେଇଛି । ସେଥିପାଇଁ ମୁଁ କୃତଜ୍ଞ । ମୋର ବିଶ୍ୱାସ ବିଜୁ ଜନତା ଦଳର “ଓଡିଶା - ମୋ ପରିବାର” କାର୍ଯ୍ୟକ୍ରମ ଓଡିଶାବାସୀଙ୍କ ପୂର୍ଣ୍ଣ ସହଯୋଗରେ ଲୋକଙ୍କୁ ସେବା ଯୋଗାଇବାରେ ସଫଳ ହେବ ।

# ବାରିପଦା ଆଇଟିଡ଼ିଏରେ ଦୁର୍ନୀତିକୁ ନେଇ ଚର୍ଚ୍ଚା

**ବାରିପଦା:** ଓଡ଼ିଶାରେ ୩୦ଟି ଜିଲ୍ଲା ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ଦୁର୍ନୀତି ଗ୍ରସ୍ତ ସରକାରୀ ଭିଜିଲାନ୍ସ ଜାଲରେ ଧରାପଡ଼ିଥିବାର ଜଣାପଡ଼ିଛି । ତଥାପି ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କେତେକ ଅସାଧୁ କର୍ମଚାରୀମାନଙ୍କ କ୍ଷେତ୍ରରେ ଏହାର କୌଣସି ପ୍ରଭାବ ପ୍ରତିଫଳିତ ହୋଇପାରିନଥିବାର ପରିଲକ୍ଷିତ ହୋଇଛି । ଏହି ସମୟରେ ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତିକୁ ନେଇ ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି । ବାରିପଦା ପିଏ ଆଇଟି ଡ଼ିଏଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ସେହିପରି ଆରଟିଆଇରେ ସୂଚନା ମାଗିଲେ ମଧ୍ୟ କାର୍ଯାଳୟର ଲୋକ ସୂଚନା ଅଧିକାରୀଙ୍କ ନିକଟରୁ କୌଣସି ଉତ୍ତର ମିଳୁନଥିବାର ଅଭିଯୋଗ ହେଉଛି । ଏହି ସମୟରେ ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ଥିବା ୧୧୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀନିବାସର ପାଚେରୀର ନର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାର ଖବର ହସ୍ତଗତ ହୋଇଥିଲା । ଫଳରେ ଘଟଣାର ସତ୍ୟାସତ ଜାଣିବା ନିମନ୍ତେ ଆମର ଜିଲ୍ଲା ପ୍ରତିନିଧି ଘଟଣାସ୍ଥଳରେ ପହଁଞ୍ଚି ଅଧିକାଂଶ ଭଙ୍ଗା ନାଲି ଇଟା ଓ ନଷ୍ଟ ହୋଇଯାଇଥିବା ସିମେଣ୍ଟରେ ପାଚେରୀର ନିର୍ମାଣ କାର୍ଯ୍ୟ ଜାରି ରହିଥିବାର



ଦେଖିବାକୁ ପାଇଥିଲେ । ଏହି ସମୟରେ ଉକ୍ତ ନିର୍ମାଣସ୍ଥଳରେ ଏକ ବ୍ୟକ୍ତି ଛିଡ଼ା ହୋଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରୁଥିବାର ଦେଖିବାକୁ ପାଇ ତାଙ୍କୁ ପ୍ରଶ୍ନ କରିବାରୁ ନିର୍ମାଣ କାର୍ଯ୍ୟ ବାରିପଦା ଆଇଟିଡ଼ିଏ ପକ୍ଷରୁ ହେଉଛି । ସେ ଠିକାଦାର ଗୋବିନ୍ଦ ସାହୁଙ୍କ ଛାଟିଆ , ଘର ଆମ୍ବଶିକିଡ଼ା ଏବଂ ସମସ୍ତେ ତାଙ୍କୁ କୁନିଆ ଓରଫ ପଦ୍ମ ଲୋଚନ ଡ଼ାକନ୍ତି ବୋଲି ପ୍ରକାଶ କରିଥିଲେ । ଏହାପରେ ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟର ଶାମାଖୁଣ୍ଟା କନିଷ୍ଠ ଯନ୍ତ୍ରୀ ଲମ୍ବୋଦର ମାଝିଙ୍କୁ ତାଙ୍କର ସେଲ ନମ୍ବର ୯୯୩୭୧୬୦୫୪୭ରେ ସମ୍ପର୍କ ସ୍ଥାପନ କରିବାରୁ ଛାତ୍ରୀ ନିବାସର ପାଚେରୀ ନିର୍ମାଣ ନିମନ୍ତେ କୌଣସି ପଇସାପତ୍ର ନାହିଁ । କୌଣସି ରେକଡ଼ପତ୍ର, କାଗଜପତ୍ର ଅଥବା ପ୍ଲାନ ଏଷ୍ଟିମେଣ୍ଟ ବିଭାଗ ପକ୍ଷରୁ କରାଯାଇ ନାହିଁ । ଛାତ୍ରୀ ନିବାସର ସୁପାରିଟେଣ୍ଡେଣ୍ଟଙ୍କ ଅନୁରୋଧ କ୍ରମେ ଜଣେ ଠିକାଦାର ଗୋବିନ୍ଦ ସାହୁଙ୍କୁ ସାଢ଼େ ୫ରୁ ୬ ଫୁଟ ଉଚ୍ଚ ଏବଂ ୧୦/୧୦ ଇଞ୍ଚ ସାଇଜର କଲମ କରି ପାଚେରୀ ନିର୍ମାଣ କାର୍ଯ୍ୟ କରିବାକୁ କହିଥିଲି । କିନ୍ତୁ, ବାଲି ମିଳୁ ନଥିବାରୁ ଠିକାଦାର କାର୍ଯ୍ୟ ଆରମ୍ଭ କରି ନାହିଁ ବୋଲି କହିଥିଲେ । ସେହିପରି ଠିକାଦାରଙ୍କୁ କେଉଁ ପ୍ରକାରର ସିମେଣ୍ଟ ଓ ଇଟାରେ କାର୍ଯ୍ୟ କରିବାକୁ କହିଥିଲେ ପ୍ରଶ୍ନରେ ଭଲ ସିମେଣ୍ଟ ଏବଂ ଫ୍ଲାଇ ଆଶ ଇଟାରେ ପାଚେରୀ ନିର୍ମାଣ କରିବାକୁ କହିଥିଲେ । ଏଥି ସହିତ ଠିକାଦାର ଭଙ୍ଗା ପୁରୁଣା ଇଟା ଓ ନଷ୍ଟ ହୋଇ ଢ଼େଲା ଢ଼େଲା ଥିବା ସମେଣ୍ଟକୁ ଗୁଣ୍ଡ କରି ସେଥିରେ କିପରି ନିର୍ମାଣ କାର୍ଯ୍ୟ କରୁଛି ପ୍ରଶ୍ନରେ ଏହା ତାଙ୍କ ନଲେଜରେ ନାହିଁ, ବରଗଡ଼ ଆସିଛି, ଆସନ୍ତା କାଲି ପହଁଞ୍ଚିବା ପରେ ସାକ୍ଷାତ କରନ୍ତୁ ବୋଲି କହିଥିଲେ । ବିନା ପ୍ଲାନ ଏଷ୍ଟିମେଣ୍ଟ, କୌଣସି ରେକର୍ଡ଼ ଖୋଲା ନଯାଇ ମୌଖୀକ ଭାବେ କିପରି ଏବଂ କେଉଁ ଆଇନ କାନୁନ ଓ ନୀତି ନିୟମ ଆଧାରରେ ଆଇଟିଡ଼ିଏ ପକ୍ଷରୁ ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ସେ ସମ୍ପର୍କରେ ବାରିପଦା ପିଏ ଆଇଟିଡ଼ିଏ ବିଜନ କୁମାର ଥମ୍ବଙ୍କ ସହ ୯୩୪୮୫୬୯୬୭୯ରେ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ଫୋନ ଧରିନଥିବା ସମୟରେ ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ ଏହାକୁ ପଛ ଦ୍ୱାର ଦେଇ ଅଫିସର, ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ଆୟ ଉପାର୍ଜନର ଏକ ମାଧ୍ୟମ । ୧୦ ଲକ୍ଷ ଟଙ୍କାର କାର୍ଯ୍ୟ ହୋଇ ଥିଲେ କାପରବର୍ତ୍ତି ସମୟରେ ଏହାକୁ ୫୦ଲକ୍ଷ ଟଙ୍କାର ରେକର୍ଡ଼ ଖୋଲି ବିଲ ପାଶ କରାଇ ନେବାର ସହଜ ରାସ୍ତା । ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟ ଛୁଟି ଦିନରେ ମଧ୍ୟରେ ଖୋଲା ଯାଇ ବଟି ନେଣଦେଣ କାର୍ଯ୍ୟ ଚାଲିଥାଏ ବୋଲି କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅପ୍ରତିଦ୍ୱନ୍ଦ୍ୱୀ ...

ରଖିବାରେ ମଧ୍ୟ ସଫଳ ହୋଇପାରିଲା ନାହିଁ । ୯୭,୯୯୦ ଅଧିକ ଭୋଟରେ ରୀତା ସାହୁ ବିଜେପିକୁ ଏଠାରେ ଧରାଶାୟୀ କରିଦେଲେ । ପୂର୍ବରୁ କଂଗ୍ରେସର ଦୁର୍ଗ କୁହାଯାଉଥିବା ବିଜେପୁରରେ ଏଥର କଂଗ୍ରେସ ଯେଉଁଭଳି ଅମାନତ ହରାଇଛି ତାହା ଅତ୍ୟନ୍ତ ଲଜ୍ଜାଜନକ । ଗୋଟିଏ ଆଞ୍ଚଳିକ ଦଳ ସାମ୍ନାରେ ଦୁଇ ଦୁଇଟି ଜାତୀୟ ଦଳ ଯେଉଁଭଳି ଧୂଳି ଚାଟିଲେ ତାହା ସମସ୍ତଙ୍କୁ ବିସ୍ମିତ ମଧ୍ୟ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମଧ୍ୟରେ ବିଜେପୁରର ସ୍ଥାନ କେଉଁଠି ତାହା ଚର୍ଚ୍ଚାର ବିଷୟ । ରୀତା ସାହୁଙ୍କ ବିଜୟ ରାଜ୍ୟ ବିରୋଧୀ ଦଳଙ୍କ ପାଇଁ ଏକ ଶକ୍ତ ଚାପୁଡା । କାରଣ ନବୀନ ଯେ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଓ ତାଙ୍କ ସମକକ୍ଷ କେହି ନାହାନ୍ତି ବୋଲି ଏହା ତାହାର ସ୍ପଷ୍ଟ ପ୍ରମାଣ । ଲଗାତାର ପଞ୍ଚମଥର ରାଜ୍ୟ ଶାସନର ଡୋରି ନବୀନଙ୍କ ହାତରେ । ବିଭିନ୍ନ ଲୋକପ୍ରିୟ ଯୋଜନା ଜରିଆରେ ନବୀନ ଯେଉଁଭଳି ସାଧାରଣ ଲୋକଙ୍କ ନିକଟତର ହୋଇପାରିଛନ୍ତି ତାହା ବିଜେପି କିମ୍ବା କଂଗ୍ରେସର ଚିନ୍ତାଧାରା ବାହାରେ । ରୀତା ବିଜେପି ପ୍ରାର୍ଥୀ ସନତ ଗଡତିଆଙ୍କୁ ବିପୁଳ ଭୋଟରେ ପରାଜିତ କରି ରାଜ୍ୟ ରାଜନୀତି ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଏହା ନିଶ୍ଚୟ ଏକ ବିରଳ ରେକର୍ଡ । କେବଳ ଏତିକି ନୁହେଁ ଲଗାତାର ତିନୋଟି ନିର୍ବାଚନରେ ବିଜୟଲାଭ କରି ବିଜେଡି ଏଠାରେ ହ୍ୟାଟ୍ରିକ୍ କରିଛି । ମାତ୍ର ୬ମାସ ବ୍ୟବଧାନରେ ଏଠାରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ବିଜେପି ପ୍ରାର୍ଥୀ । କିନ୍ତୁ ଉପନିର୍ବାଚନରେ ତାହାର କୌଣସି ପ୍ରଭାବ ମଧ୍ୟ ଦେଖିବାକୁ ମିଳିଲା ନାହିଁ । ବିଜେପୁର ଭୋଟର ଏଠାରେ ବିଜେପି ଓ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲା ଭଳି ମନେ ହେଉଛି । ଭାରତୀୟ ଜନତା ପାର୍ଟି ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଅତ୍ୟନ୍ତ ଉତ୍ସାହିତ ହୋଇ ଓଡ଼ିଶାରେ କାର୍ଯ୍ୟ କରୁଥିଲା ବେଳେ ଏଠାରେ କିନ୍ତୁ ମୋଦି ମ୍ୟାଜିକ୍ ନବୀନଙ୍କ ମ୍ୟାଜିକ୍ ଆଗରେ ଫିକା ପଡିଯାଉଛି । ବିରୋଧୀମାନେ ବିଜେଡି ଓ ନବୀନଙ୍କୁ ଯେତିକି ଯେତିକି ସମାଲୋଚନା କରୁଛନ୍ତି ନବୀନ ସେତିକି ସେତିକି ଊର୍ଦ୍ଧ୍ୱକୁ ଯିବା ସହିତ ରାଜ୍ୟବାସୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିନେଲେଣି । ତେଣୁ ବିରୋଧୀଙ୍କ ସମାଲୋଚନା ବିଜେଡି ଶାସନକୁ ସେଭଳି କିଛି ପ୍ରଭାବିତ କରିପାରୁନାହିଁ । ତେଣୁ କେଉଁ ରଣନୀତିରେ ବିଜେଡିକୁ ପରାସ୍ତ କରିହେବ ତାହା ବିଜେପୁର ବିଜେପି ପାଇଁ ଏକ ଉଚିତ ଶିକ୍ଷା ବୋଲି ମାନିନେବାକୁ ପଡିବ ।

### ପ୍ରଥମ ଦିନରେ ...

ସରକାରୀ ବିଲ୍ ଉପରେ ଆଲୋଚନା କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ନଭେମ୍ବର ୧୭, ୨୩, ୨୪, ଡିସେମ୍ବର ୧, ୬, ୧୪ ଓ ୧୫ ତାରିଖ ବିଧାନସଭାର ବୈଠକ ବସିବ ନାହିଁ । ଅନ୍ୟପକ୍ଷରେ ନଭେମ୍ବର ୧୩, ୨୦, ୨୭, ଡିସେମ୍ବର ୪, ୧୧ ଓ ୧୮ ତାରିଖରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ , ଶିକ୍ଷା , ଉଚ୍ଚଶିକ୍ଷା , ସମବାୟ , ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗୀୟ ପ୍ରଶ୍ନ ଉପରେ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଛି । ସେହିପରି ନଭେମ୍ବର ୧୪, ୨୧, ୨୮, ଡିସେମ୍ବର ୫, ୧୨ ଓ ୧୯ରେ ଜଳ ସମ୍ପଦ, ଯୋଜନା ଓ ସଂଯାଜନା, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ , ବାଣିଜ୍ୟ , ଓଡିଆ ଭାଷା , ସାହିତ୍ୟ ଏବଂ ସଂସ୍କୃତି ଓ ପରିବହନ ବିଭାଗରେ ପ୍ରଶ୍ନ ଉପରେ ଆଲୋଚନା କରାଯିବ । ନଭେମ୍ବର ୧୫ , ୨୨, ୨୯, ଡିସେମ୍ବର ୬ ଓ ୧୩ ତାରିଖରେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା, ଅନୁସୂଚିତ ଜାତି ଓ ଜନଜାତି, ଶକ୍ତି, କ୍ରୀଡା, ଶିଳ୍ପ, ଆଇଟି ଏବଂ ଏମଏସଏମଇ ବିଭାଗର ପ୍ରଶ୍ନ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଛି । ନଭେମ୍ବର ୧୬, ୩୦, ଡିସେମ୍ବର ୭ ରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ବିଜ୍ଞାନ ଓ ବୈଷୟିକ ଶିକ୍ଷା, ହସ୍ତତନ୍ତ ଓ ବୟନଶିଳ୍ପ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ଓ ସାଧାରଣ ଉଦ୍ୟୋଗ ବିଭାଗ, ସଂକ୍ରାନ୍ତୀୟ ପ୍ରଶ୍ନ ଆଲୋଚନା କରାଯିବ । ନଭେମ୍ବର ୧୮, ୨୫, ଡିସେମ୍ବର ୨, ୯ ଓ ୧୬ ତାରିଖରେ ସ୍ୱରାଷ୍ଟ୍ର ବିଭାଗ, ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ଅବକାରୀ, ଇସ୍ପାତ ଓ ଖଣି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଶ୍ନ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ନଭେମ୍ବର ୧୯, ୨୬ ଓ ଡିସେମ୍ବର ୩, ୧୦ ଓ ୧୭ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମ ନିଯୁକ୍ତି, ଆଇନ ଓ ସଂସଦୀୟ ବ୍ୟାପାର ବିଭାଗର ପ୍ରଶ୍ନ ଉପରେ ଆଲୋଚନା କରାଯିବ ।

### ମୌସୁମୀ ବର୍ଷାରେ ...

ସେପ୍ଟେମ୍ବର ୩୦ ସୁଦ୍ଧା ବର୍ଷାଋତୁ ଶେଷ ହେବାକୁ ଥିଲାବେଳେ ଏବେବି ଦେଶର କେତେକ ଭାଗରେ ମୌସୁମୀ ବର୍ଷା ସକ୍ରିୟ ରହିଛି । ଗତ ୪ ମାସ ମଧ୍ୟରେ ସର୍ବାଧିକ ବୃଷ୍ଟିପାତ ହୋଇଛି । ୧୯୯୪ ପରେ କେବେ ବି ଏତେ ପରିମାଣରେ ବର୍ଷା ହୋଇନଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି । ମହାରାଷ୍ଟ୍ରରେ ୨୨ଟି ଜିଲ୍ଲା ବନ୍ୟାରେ ଆକ୍ରାନ୍ତ ହୋଇଥିଲା । ଏହାଫଳରେ ୭ ଲକ୍ଷ ୧୯ ହଜାର ଲୋକ ସ୍ଥାନାନ୍ତର ହୋଇ ୩୦୫ ରିଲିଫ ଶିବିରରେ ଆଶ୍ରୟ ନେଇଥିଲେ । ସେହିପରି ପଶ୍ଚିମବଙ୍ଗରେ ୪୩ ହଜାର ୪୩୩ ଜଣ ବିପନ୍ନ ଲୋକ ୨୮୦ ରିଲିଫ ଶିବିରରେ ଆଶ୍ରୟ ନେଇଥିଲେ । ବିହାରରେ ଚଳିତ ମାସରେ ନାହିଁନଥିବା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ୧୬୬ ଜଣଙ୍କ ପ୍ରାଣହାନି ଘଟିଥିଲାବେଳେ ୧ ଲକ୍ଷ ୯୬ ହଜାର ଲୋକ ସ୍ଥାନାନ୍ତର ହୋଇ ୨୮୨ ରିଲିଫ ଶିବିରରେ ଆଶ୍ରୟ ନେଇଥିଲେ । ରାଜ୍ୟର ୨୮ଟି ଜିଲ୍ଲା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା । ମଧ୍ୟପ୍ରଦେଶରେ ବର୍ଷା ଓ ବନ୍ୟାଜନିତ କାରଣରୁ ୧୮୯ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୩୯ ଜଣ ଆହତ ହୋଇଥିଲେ । ୭ ଜଣ ନିଖୋଜ ହୋଇଯାଇଥିଲେ । ରାଜ୍ୟର ୩୮ ଜିଲ୍ଲାରେ ୩୨ ହଜାର ୯୯୬ ଜଣ ବିପନ୍ନ ଲୋକ ୯୮ଟି ରିଲିଫ ଶିବିରରେ ଆଶ୍ରୟ ନେଇଥିଲେ । କେରଳରେ ପ୍ରବଳ ବର୍ଷା ଓ ବନ୍ୟାରେ ୧୮୧ ଜଣ ପ୍ରାଣ ହରାଇଥିଲାବେଳେ ୭୨ ଜଣ ଆହତ ହୋଇଥିଲେ । ୧୫ ଜଣ ନିଖୋଜ ହୋଇଯାଇଛନ୍ତି । ୪ ଲକ୍ଷ ୪୬ ହଜାର ବିପନ୍ନ ଲୋକଙ୍କୁ ୨୨୨୭ ରିଲିଫ ଶିବିରରେ ଅସ୍ଥାୟୀ ଭାବେ ଆଶ୍ରୟ ଦିଆଯାଇଥିଲା । ଗୁଜରାଟରେ ୨୨ ଜିଲ୍ଲା ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା । ରାଜ୍ୟରେ ୧୯୨ ଜଣ ପ୍ରାଣ ହରାଇଥିଲାବେଳେ ୧୭ ହଜାର ୭୮୩ ଜଣ ବିପନ୍ନଙ୍କୁ ୧୦୨ ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଥିଲା । କର୍ଣ୍ଣାଟକରେ ଚଳିତ ବର୍ଷ ବର୍ଷାଋତୁରେ ବନ୍ୟାଜନିତ କାରଣରୁ ୨୮୫ ଜଣ ପ୍ରାଣ ହରାଇଥିଲାବେଳେ ୬ ଜଣ ନିଖୋଜ ହୋଇଯାଇଥିଲେ । ୨ ଲକ୍ଷ ୪୮ ହଜାର ବିପନ୍ନଙ୍କୁ ୩୨୬୧ ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଥିଲା । ଆସାମର ୩୨ଟି ଜିଲ୍ଲାରେ ବର୍ଷା ଓ ବନ୍ୟାଜନିତ ବିଭୀଷିକା ସୃଷ୍ଟି ହୋଇଥିଲା । ଏଥିରେ ୧୦୧ ଜଣଙ୍କ ପ୍ରାଣହାନି ଘଟିଥିଲାବେଳେ ୫ ଲକ୍ଷ ୩୫ ହଜାର ବିପନ୍ନଙ୍କୁ ୧୩୫୭ ରିଲିଫ ଶିବିରରେ ରଖାଯାଇଥିଲା । ଓଡ଼ିଶାରେ ‘ଫାନି’ ଓ ଗୁଜରାଟରେ ‘ବାୟୁ’ ବାତ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା ।

### ବିଭାଗ-ଠିକାଦାରଙ୍କ ...

ସୂଚନା ଫଳକରୁ ଏସ ଏଚ -୨୯ରୁ ପାଣ୍ଡୁରା ରାସ୍ତା(ପ୍ୟାକେଜ ନଂ- ଓଆର-୨୧-୬୯୮)ର ଲମ୍ବ ୪.୫୦୦ କିଲୋମିଟର(ପିଚୁ ରାସ୍ତା-୨.୮୧୦କି.ମି, କଂକ୍ରିଟ ରାସ୍ତା-୧.୬୯୦କିମି ଓ କଲଭଟ୍-୧୫ଟା) ଅଟକଳ ପରିମାଣ ଟ୧,୪୬,୭୯,୩୮୧.୩୦ , ୫ ବର୍ଷରେ ରକ୍ଷଣାବେକ୍ଷଣ ଓ ମରାମତି ଅଟକଳ ଟ୧୪,୦୧,୩୦୩.୯୬ , କାର୍ଯ୍ୟ ଆରମ୍ଭ ତାରିଖ ୨୨.୦୫.୨୦୧୮, କାର୍ଯ୍ୟ ଶେଷ ତାରିଖ ୨୧.୦୨.୨୦୧୯ ଏବଂ ରକ୍ଷଣାବେକ୍ଷଣ ଓ ମରାମତି ବାବଦକୁ ୨୦୧୯-୨୦ରେ ୧,୩୭,୯୯୦.୦୦, ୨୦୨୦-୨୧ରେ ୧,୮୪,୫୫୪.୦୦, ୨୦୨୧-୨୨ରେ ୩,୦୪,୮୨୪.୦୦, ୨୦୨୨-୨୩ରେ ୩,୫୯,୫୦୦.୦୦ ଏବଂ ୨୦୨୩-୨୪ରେ ଟ୪,୧୪,୪୩୬.୦୦ ବୋଲି ଉଲ୍ଲେଖ କରାଯାଇଛି । ଏଥି ସହିତ ଠିକାଦାର ଏହି ଏସଏଚ-୧୯-ପାଣ୍ଡୁରା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାର ପରବର୍ତ୍ତି ସମୟରୁ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବା ଆରମ୍ଭ କରିଦେଇଛି । ନିର୍ମାଣ ହୋଇଥିବା ପିଚୁ ରାସ୍ତା ଚଦର ଭଳି ଉଠିବାରେ ଲାଗିଥିବା ବେଳେ କଂକ୍ରିଟ ରାସ୍ତାରୁ ଚିପ୍ସ ସିମେଣ୍ଟଠାରୁ ଅଲଗା ହେବା ଆରମ୍ଭ କରିଛି । ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମରେ ରାସ୍ତାର ବାସ୍ତବ ଚିତ୍ର ପ୍ରଦର୍ଶିତ ହେବା ପରେ ଗ୍ରାମ୍ୟ ଉନ୍ନୟମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ଏବଂ ପେଚ ପକା କାର୍ଯ୍ୟ ଜାରି ରହିଛି । କେବଳ ଏତିକି ନୁହେଁ, ଉକ୍ତ ରାସ୍ତା ନିର୍ମାଣର ସୂଚନା ଫଳକରେ ଦର୍ଶାଯାଇଥିବା ରାସ୍ତାର ଲମ୍ବ ୪.୫୦୦ କି.ମିକୁ ନେଇ ଜନସାଧାରଣ ଅଙ୍ଗୁଳି ଉଠାଇବା ସଙ୍ଗେ ସଙ୍ଗେ ରାସ୍ତାର ଲମ୍ବ ପ୍ରାୟ ସାଢ଼େ ୩ କି.ମି. ହେବ ବୋଲି ଅନୁମାନ କରିଛନ୍ତି । ପୁଣି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କୁଳିଅଣା ବ୍ଲକ ଏନଏଚ -୫ରୁ ଆନିଆପାଳ(ପ୍ୟାକେଜ ନଂ-ଓଆର-୨୧-ଏଡ଼ିବି-୧୨୯) ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଛି । ରାସ୍ତା ପାର୍ଶ୍ୱରେ ଲାଗିଥିବା ସୂଚନା ଫଳକ ଅନୁସାରେ ଠିକାଦାର ତାରକ ନାଥ ଦାସ ୨୫/୦୪/୨୦୧୮ ଏପ୍ରିଲ ୨୫ରେ (ଟ୯୯,୪୧,୬୭୮.୦୦ ଅଟକଳ ସହ ୫ ବର୍ଷର ରକ୍ଷଣାବେକ୍ଷଣ ମୂଲ୍ୟ ଟ୯,୩୭,୨୨୮.୦୦) ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ ୨୩/୦୨/୨୦୧୯ରେ ନିର୍ମାଣ କାର୍ଯ୍ୟସମାପ୍ତି କରିବେ । ଏଥି ସହିତ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ୨୪/୦୨/୨୦୧୯ରୁ ଆରମ୍ଭ ହୋଇ ୨୩/୦୨/୨୦୨୪ରେ ଶେଷ ହେବ ବୋଲି ଉଲ୍ଲେଖ ରହିଛି । କିନ୍ତୁ ଏହି ଏନଏଚ -୫ରୁ ଆନିଆପାଳ ରାସ୍ତାରେ ଗୋଟାଏ ଇଞ୍ଚ ରାସ୍ତା କଂକ୍ରିଟ ଓ ପିଚୁ ରାସ୍ତା ନିର୍ମାଣ ହୋଇନଥିବା ସହ ବିଭିନ୍ନ ସ୍ଥାନରେ ଖାଲଖମାରେ ଭର୍ତ୍ତି ରହିଥିବାର ପରିଲକ୍ଷିତ ହୋଇଛି ।

### ନଭେମ୍ବର ୪ରେ ...

ପଦକ୍ଷେପ ଓ ଶ୍ରୀମନ୍ଦିର ସଂସ୍କାର ଉପରେ ଖଣ୍ଡପୀଠ ନିର୍ଦ୍ଦେଶନାମାରେ ଗୁରୁତ୍ୱାରୋପ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଏତଦ୍ବ୍ୟତୀତ ସେବାୟତଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ସମ୍ପର୍କରେ ଆମିକସ କ୍ୟୁରୀ ଦୃଷ୍ଟି ଆକର୍ଷଣ କରିଥିବାରୁ ସେ ସମ୍ପର୍କରେ ମଧ୍ୟ ନିର୍ଦ୍ଦେଶନାମାରେ ଖଣ୍ଡପୀଠ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିପାରନ୍ତି ବୋଲି ଆଶା କରାଯାଉଛି । ଶୃଙ୍ଖଳିତ ରୀତିନୀତି ତଥା ବିନା ବାଧାରେ ଦର୍ଶନ ତଥା ହୁଣ୍ଡିରେ ଦାନ ପ୍ରସଙ୍ଗରେ ମଧ୍ୟ ଆସନ୍ତାକାଲି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ ବୋଲି ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମନ୍ଦିର ସଂସ୍କାରକୁ ନେଇ ଆବେଦନକାରୀ ମୃଣାଳିନୀ ପାଢ଼ୀଙ୍କର ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଥିବା ମୂଳ ମାମଲା ବର୍ତ୍ତମାନ ବିଚାରଧୀନ ରହିଥିବା ବେଳେ ମଙ୍ଗଳବାର ଦିନ ମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ମାମଲାରେ ରାଜ୍ୟ ସରକାର ସମସ୍ତ ତଥ୍ୟ ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିଲେ ।

### ଗିରିଶ ...

ଦୁଇ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ହେବେ । ସେହିପରି ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡର ଆଇଏଏସ୍ ଅଧିକାରୀ ତଥା ପୂର୍ବତନ ପ୍ରତିରକ୍ଷା ସଚିବ ରାଧାକ୍ରିଷ୍ଣ ମାଥୁରଙ୍କୁ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । କେରଳ ବିଜେପି ସଭାପତି ପିଏସ୍ ଶ୍ରୀଧରନ୍ ପିଲାଇଙ୍କୁ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ସେ ମିଜୋରାମର ଅତିରିକ୍ତ ରାଜ୍ୟପାଳ ଦାୟିତ୍ୱରେ ଥିବା ଆସାମର ରାଜ୍ୟପାଳ ଜଗଦୀଶ ମୁଖୀଙ୍କ ସ୍ଥାନରେ ଅବସ୍ଥାପିତ ହେବେ ।

# କେବେ ମିଳିବ ଏଲ୍‌ଇଡି ବଲ୍‌ବ ?

**ଥୁଆମୂଳ ରାମପୁର, (ବୀର ବଜରଙ୍ଗ) :** ଓଡ଼ିଶା ସରକାର ଆମ ଗାଁ ଆମ ବିକାଶ ନାଁରେ ଡିଣ୍ଡିମ ପିଟୁଥିଲା ବେଳେ ଦୁର୍ଗମ ଅଞ୍ଚଳ ଥୁଆମୂଳ-ରାମପୁର ବ୍ଲକରେ ସରକାରଙ୍କ ଏହି ବିକାଶମୂଳକ ଯୋଜନା ବାଟବଣା ହୋଇପଡିଛି । ୨୦୧୮ ମସିହା ଡିସେମ୍ବର ମାସରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ପଞ୍ଚାୟତର ନିରୀହ ଗରିବ ହିତାଧିକାରୀ ମାନଙ୍କୁ ୪ଟି ଲେଖାଏଁ ଏଲ୍‌ଇଡି ବଲ୍‌ବ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲେ ବି ଅଦ୍ୟାବଧି ଏହା ଲୋକଙ୍କୁ ମିଳିନାହିଁ । ଆଦିବାସୀ ଅଧୁଷିତ ବଣ ପାହାଡ ଘେରା ଥୁଆମୂଳ-ରାମପୁର ବ୍ଲକର ଗୋପାଳପୁର, ଡୁମେରପଦର, କାଣିଗୁମ୍ମା, କେରେପାଇଁ, ନାକରୁଣ୍ଡି, ମହୁଲପାଟଣା, ଗୋପୀନାଥପୁର, ଅଡ୍ରି, କର୍ଲାପାଟ, କିଆପଦର, ତଳଆମ୍ବପଦର, ଥୁଆମୂଳ-ରାମପୁର ପ୍ରଭୃତି ୨୪ଟି ଗ୍ରାମ ପଞ୍ଚାୟତର ଶହ ଶହ ଗରିବ ହିତାଧିକାରୀ ସରକାରୀ ଏଲ୍‌ଇଡି ବଲ୍‌ବ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ଯାହା ସାଧାରଣରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ଥୁଆମୂଳ-ରାମପୁର ବିଡିଓ ନବୀନ ଚନ୍ଦ୍ର ନାଏକଙ୍କୁ



ପଚାରିବାରୁ ସେ କହିଥିଲେ ଯେ, ନିର୍ବାଚନ ପାଇଁ ଏହା ସ୍ଥଗିତ ରହିଥିଲା । ନିର୍ବାଚନ ପରେ ସମସ୍ତଙ୍କୁ ଏଲ୍‌ଇଡି ବଲ୍‌ବ ପ୍ରଦାନ କରାଯିବ । କିନ୍ତୁ ଦୁଃଖର ବିଷୟ ନିର୍ବାଚନ ଫଳାଫଳ ଘୋଷଣା ହୋଇ ନୂଆ ସରକାର ଗଠନ ହେବାର ଅନେକ ମାସ ବିତିଯାଇଥିଲେ ମଧ୍ୟ ଏହି ଘଟଣାକୁ ବିଡିଓ ମହୋଦୟ ଗୁରୁତ୍ୱ ନଦେବାରୁ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନେଲେ ଏହା ଆଗାମୀ ଦିନରେ ଜନଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ଅଧିବାସୀମାନେ କହୁଛନ୍ତି ।

**ଠିକ୍ ସମୟରେ ବିଦ୍ୟାଳୟ ଆସୁନାହାନ୍ତି ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ**

# ପାଠପଢ଼ାରେ ଘୋର ବ୍ୟାଘାତ

**ଜୟପାଟଣା, (ସନ୍ତୋଷ ସିଂ) :** ବର୍ତ୍ତମାନ ରାଜ୍ୟରେ ୫-ଟି କାର୍ଯ୍ୟକ୍ରମ ଯେଭଳି ସରକାରୀ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜାରି ରହିଛି ସେତିକି ବେଳେ ପାଇକ କେନ୍ଦୁମୁଣ୍ଡି ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିବା ସନ୍ଦେହ ସୃଷ୍ଟି କରିଛି । ଏହି ବିଦ୍ୟାଳୟରେ ଦେଖାଯାଇଛି ଯେ, ଦିନ ୧୦ଟା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବାହାରେ ଇଆଡେ ସିଆଡେ ଖେଳାଖେଳି କରୁଥିଲେ ସୁଦ୍ଧା ସ୍କୁଲ ଫାଟକ ଖୋଲୁନାହିଁ । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ‘ଏକମାତ୍ର’ ପ୍ରତିନିଧି ସେଠାରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ବି କୌଣସି ଶିକ୍ଷକଙ୍କର ଦେଖା ମିଳିନଥିଲା । ୧୦.୩୦ ପରେ ପ୍ରଧାନ ଶିକ୍ଷକ ନିର୍ମଳ ଭୋଇ, ଧର୍ମେନ୍ଦ୍ର କର, ସଂଧ୍ୟାରାଣୀ ସାହୁ, ମୀନତି ବେହେରା ଓ ବିଷ୍ଣୁପ୍ରିୟା ମହାନ୍ତି ଜଣକ ପରେ ଜଣେ ଆସିଥିଲେ । ଏହାପରେ ବିଦ୍ୟାଳୟର ଫାଟକ ଖୋଲିବାରୁ ପିଲାମାନେ ଶ୍ରେଣୀଗୃହକୁ ପ୍ରବେଶ କଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ି ମଣିଷ ହେବା ପାଇଁ ବିଦ୍ୟାଳୟ ନିକଟରେ ସଠିକ୍ ସମୟରେ ଛାଡି ଦେଇଗଲେ ସେମାନଙ୍କ ଜଗାରଖାର ଦାୟିତ୍ୱ ବିଦ୍ୟାଳୟର ରହିଛି । ହେଲେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ଶିକ୍ଷା ବିଭାଗ ଏଥିପ୍ରତି ତୁରନ୍ତ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବରୀ ଆଞ୍ଚଳିକ ସାଧନ କେନ୍ଦ୍ରରେ ‘ସୁରଭି’ କାର୍ଯ୍ୟକ୍ରମ

**ବରୀ, (ସଂଜତ ମହାନ୍ତି):** ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ବ୍ଲକ ଶିକ୍ଷା ବିଭାଗ ତରଫରୁ ବରୀ ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ସୁରଭି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିଦ୍ୟାଳୟ ସ୍ତରରୁ ଆବିଷ୍କାର କରି ସେମାନଙ୍କୁ ସରକାରୀ ଭାବେ ପୁରସ୍କୃତ କରିବା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଅନେକ ପିଲା ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ପ୍ରତିଭା ବିକଶିତ ନିମନ୍ତେ ସୁରଭି କାର୍ଯ୍ୟକ୍ରମର ଅନେକ ଗୁରୁତ୍ୱ ରହିଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବାଙ୍କବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ କୃପାସିନ୍ଧୁ ବିଦ୍ୟାଭବନର ପ୍ରଧାନ ଶିକ୍ଷକ ସୁଦର୍ଶନ ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ଦାସ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଜର ବହୁମୂଲ୍ୟ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୪ଗୋଟି ବିଦ୍ୟାଳୟର ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୧୫ ଗୋଟି ପ୍ରତିଯୋଗିତାରେ ଏକକ ଓ ଦଳଗତ ଭାବେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ । ବରୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରସନ୍ନ କୁମାର ଷଡଙ୍ଗୀ ସୁରଭି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ବ୍ରଜବନ୍ଧୁ ନୋଡାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥଶର୍ମା, ଶିକ୍ଷକ ଭାନୁଦେବ ପତି, ରାମଚନ୍ଦ୍ର ବେହେରା, ନିକୁଞ୍ଜ ବିହାରୀ ସାମଲ, ଦିଲ୍ଲିପ କୁମାର ବେହେର, ମଧୁସ୍ମିତା ଦାଶ, ସୁନନ୍ଦା ପାଢ଼ୀ ଓ ବିଦ୍ୟାଳୟ କର୍ମଚାରୀ ଦେବେନ୍ଦ୍ର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ରୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଙ୍କଡ଼ା ପଥର ଖଣିମାଫିଆ ସକ୍ରିୟ



**ଖୋରଧା:** ତହସିଲ ଅଧିନରେ ଥିବା ମାଙ୍କଡ଼ା ପଥର ଖଣି ଗୁଡ଼ିକରୁ ଦିନ ଦ୍ୱିପ୍ରହରରେ ମାଙ୍କଡ଼ା ପଥର ଖଣି ମାଫିଆମାନେ ଶ୍ମଶାନ, ବଗାୟତ, ଅନାବାଦୀ, ଗୋଚର ଓ ଜଙ୍ଗଲ କିଶମ ଜମି ଗୁଡ଼ିକରୁ ମାଙ୍କଡ଼ା ପଥର, ପାୱାର ଟିଲର ମାଧ୍ୟମରେ ଖନନ କରି ଟ୍ରକ, ଟ୍ରାକ୍ଟର ଓ ୪୦୭ ମାଧ୍ୟମରେ ଅନ୍ୟତ୍ର ଚୋର ଚାଲଣ କରୁଥିବା ବେଳେ ଖୋରଧା ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛନ୍ତି । ଖୋରଧା ତହସିଲଦାର ପଦୋନ୍ନତି ପାଇଁ ଉପଜିଲ୍ଲାପାଳ ଭାବରେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କୁ ରିଲିଫ କରା ନ ଯାଇ ଖୋରଧା ତହସିଲଦାର ଏବଂ ଉପଜିଲ୍ଲାପାଳ ଦାୟିତ୍ୱରେ ରଖାଯାଇଛି । ଫଳରେ ଖୋରଧା ତହସିଲ କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଏହାର ସୁଯୋଗ ନେଇ ଖୋରଧା ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀମାନଙ୍କର ସହାୟତାରେ ମାଙ୍କଡ଼ା ପଥର ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି । ଖୋରଧା ତହସିଲ ଅଧିନସ୍ଥ ପାନବରଜ, ବୋତଲମା, ବଙ୍ଗିଦା, କଙ୍କଡ଼ାହାଡ଼, ହଳଦିପଦା, ଗୁଡୁମ, ଟାଙ୍ଗିଆପଡ଼ା, ତରତୁଆ, ଶରଧାପୁର, ମଲ୍ଲିପୁର, ନିଆଳ ପ୍ରଭୃତି ଗ୍ରାମ ଗୁଡ଼ିକରେ ଥିବା ସରକାରୀ ଜମିଗୁଡ଼ିକରୁ ଅନବରତ ମାଙ୍କଡ଼ାପଥର ପାନବରଜ ରାସ୍ତା ଦେଇ ଖୋରଧା ଏବଂ ଟାଙ୍ଗିଆପଡ଼ା ମଲ୍ଲିପୁର ନିଆଳ ରାସ୍ତା ଦେଇ ଅନ୍ୟତ୍ର ଚୋରା ଚାଲଣ କରାଯାଉଛି । ଏ ସମ୍ପର୍କରେ ଖୋରଧା ଜିଲ୍ଲା ପ୍ରଶାସନ ଓ ଏସ.ଟି.ଏଫ ପକ୍ଷରୁ ତଦନ୍ତ କରାଗଲେ ଏହି ଚୋରା ମାଙ୍କଡ଼ା ପଥର ଖଣି ମାଫିଆ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ମା'ବୈଷ୍ଣୋଦେବୀ



ପ୍ରଫେସର ହରିକୃଷ୍ଣ ଦାଶ

**ଶା**ସ୍ତ୍ର ପୁରାଣରୁ ଜଣାଯାଏ ବିଭିନ୍ନ ଦେବାଦେବୀ ଭିନ୍ନ ଭିନ୍ନ ଯୁଗର ଅଟନ୍ତି। ମା'ଦୁର୍ଗା ତ୍ରେତୟା ଯୁଗରୁ ଏଠାରେ ପୂଜିତ। ବହୁତ ଭକ୍ତ ଜଗତଜନନୀ ମା'ଙ୍କ ଦର୍ଶନ ପାଇଁ ସେଠାକୁ ଯାଉଛନ୍ତି। ସବୁ ସମୟ, ଦିବରାତ୍ର ଯାତ୍ରୀମାନେ ଦର୍ଶନ ପାଇଁ ଯାଆନ୍ତି। ଏହା ଜାମ୍ମୁ-କାଶ୍ମୀର ରାଜ୍ୟରେ ଅବସ୍ଥିତ। କଟ୍ରା ବସ୍‌ଷ୍ଟାଣ୍ଡ ଠାରୁ ଯାତ୍ରା ଆରମ୍ଭ ହୁଏ। ପଥ ମଧ୍ୟରେ ବହୁ ଧର୍ମଶାଳା ଅଛି, ତେଣୁ ଯାତ୍ରୀମାନେ ସୁବିଧାରେ ଏଠାରେ



ପହଞ୍ଚିପାରିବେ। ଯାତ୍ରା ପାଇଁ ପ୍ରଥମରୁ ପାସ୍ ନେବାକୁ ହୁଏ। ଚାଲିକରି ଯିବାକୁ ୪-୫ଘଣ୍ଟା ସମୟ ଲାଗେ। ଯାତ୍ରୀମାନଙ୍କ ସୁବିଧା ପାଇଁ ପକ୍କାରାସ୍ତା ମଧ୍ୟ ତିଆରି ହୋଇଛି। ରାସ୍ତା ଉପରେ ଛାତ ଅଛି। ଏହାଦ୍ୱାରା ଖରା ବର୍ଷାରୁ ରକ୍ଷା ମିଳିବ। ହେଲିକେପ୍ଟର ସେବା ମଧ୍ୟ ଉପଲବ୍ଧ ହୁଏ। ଏହା ବ୍ୟତୀତ ଘୋଡ଼ା, ଖଚର, ପିଠୁ ସବାରରେ ଯିବାର ବନ୍ଦୋବସ୍ତ ଅଛି। ତଳ ସ୍ଥାନରୁ ମନ୍ଦିର ଚଉଦ କିଲୋମିଟର। ରାସ୍ତାରେ ପ୍ରଥମେ ରଘୁନାଥ ମନ୍ଦିର ଅଛି। ଏହାପରେ ଅନ୍ୟ ଏକ ମନ୍ଦିର ଦେଖାଯାଏ। ସେଠାରେ ବୀର ହନୁମାନ ମୂର୍ତ୍ତି ପୂଜା ପାଆନ୍ତି। ତା'ବ୍ୟତୀତ ରାସ୍ତା ପାର୍ଶ୍ୱରେ ଭୂମିକା ମନ୍ଦିର ଅଛି। ଏହାପରେ ଦର୍ଶନି ଦରବାଜା। ଏହା କଟ୍ରା ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ। କିଛି ପଥ ଅତିକ୍ରମ କଲେ ବନଗଙ୍ଗା ମନ୍ଦିର ପଡ଼େ। ବନଗଙ୍ଗା ମନ୍ଦିର ଠାରୁ ଦେଢ଼ କିଲୋମିଟର ଦୂରରେ ଚରଣ ପାଦୁକା ମନ୍ଦିର ଅବସ୍ଥିତ। ଆଉ କିଛି ପଥ ଅତିକ୍ରମ କଲେ ଆଦିକୁମାରୀ ମନ୍ଦିର ଦେଖିବାକୁ ମିଳେ। ତ୍ରିକୁଟ ପାହାଡ଼ ଉପରେ ଜଗତଜନନୀ ମା'ଙ୍କ ଆସ୍ଥାନ। ଗୁମ୍ଫା ମଧ୍ୟରେ ତିନିଗୋଟି ପଥର ପିଣ୍ଡି ଅଛି। ଏହି ପିଣ୍ଡି ଗୁଡ଼ିକ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀ ରୂପେ ପୂଜା ପାଆନ୍ତି। ଏହା ବ୍ୟତୀତ ସେହି ମନ୍ଦିରରେ ସିଂହବାହିନୀ ମା'ଦୁର୍ଗାଙ୍କ ମୂର୍ତ୍ତି ପୂଜିତ। ଦକ୍ଷ ଯଜ୍ଞ ପରେ ମା'ସତୀଙ୍କ ବାହୁ ଏଠାରେ ପଡ଼ିଥିଲା। ମା'ଙ୍କ ମନ୍ଦିର ପାହାଡ଼ ତଳୁ ୫୨୦୦ ଫୁଟ ଉଚ୍ଚରେ ଅବସ୍ଥିତ।

ମା'ବୈଷ୍ଣୋଦେବୀଙ୍କ ପୂର୍ବ କଥା କିମ୍ବଦନ୍ତୀରେ ଅଛି। ସତ୍ୟ ଯୁଗରେ ଅସୁର ନିଧନ ପାଇଁ ସମସ୍ତ ଦେବଦେବୀଙ୍କ ଶକ୍ତିର ସମନ୍ୱୟରୁ ମହାଶକ୍ତିଙ୍କ ସୃଷ୍ଟି। ଏହି ଶକ୍ତି ମହିଷାସୁର ବଧ କରିଥିଲେ। ତତ୍‌ପରେ ଏହି ଶକ୍ତି ତିନିଭାଗରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ଦେବୀଙ୍କ ରୂପ ଧାରଣ କଲେ। ଏଥିରୁ ତମ ଗୁଣ ସମ୍ଭୂତ ମହାକାଳୀ, ରଜଗୁଣ ସମ୍ଭୂତ ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣ ସମ୍ଭୂତ ମହାସରସ୍ୱତୀ ସୃଷ୍ଟି ହୋଇ ପୂଜା ପାଉଛନ୍ତି। ସେହି ମହାଶକ୍ତି ପୁନଶ୍ଚ ଏକ ସୁନ୍ଦର କନ୍ୟାରୂପେ ଜନ୍ମ ନେଲେ। ଶ୍ରୀବିଷ୍ଣୁଙ୍କ ଆଦେଶରେ ଦକ୍ଷିଣ ଭାରତର ରତ୍ନାକର ଗୃହରେ ଲୀଳା ଜନ୍ମ ନେଇଥିଲେ। ସେତେବେଳେ ତାଙ୍କର ନାମ ତ୍ରିକୁଟ ରହିଲା। ସେହି ତ୍ରିକୁଟ କନ୍ୟା ବୈଷ୍ଣୋଦେବୀ ରୂପେ ପରିଚିତ ହେଲେ। ସେ ବିଷ୍ଣୁ ଅଂଶ ସମ୍ଭୂତ ହେତୁ ଏପରି ନାମ ଧାରଣ କଲେ। ତ୍ରିକୁଟ ସମୁଦ୍ର ତଟରେ ତପସ୍ୟା କଲେ। ଶ୍ରୀରାମ ସେହି ପଥ ଦେଇ ମା'ସୀତାଙ୍କ ଉଦ୍ଧାର ପାଇଁ ଶ୍ରୀଲଙ୍କା ଯାଉଥିଲେ। ସେ ଦେବୀଙ୍କୁ ତପସ୍ୟାର କାରଣ ବିଷୟରେ ପ୍ରଶ୍ନ କଲେ। ମା'ତାଙ୍କୁ ସ୍ୱାମୀ ରୂପେ ପାଇବାର ଇଚ୍ଛା ପ୍ରକଟ କଲେ। ଶ୍ରୀରାମ ଏହାର ଉତ୍ତର ଦେଇ କହିଲେ ମୁଁ ଫେରିବା ସମୟରେ ଯେତେ ତୁମେ ମୋତେ ଚିହ୍ନି ପାରିବ ତେବେ ମୁଁ ତୁମକୁ ଗ୍ରହଣ କରିବି। ଫେରିବା ସମୟରେ ସେ ଏକ ବୃଦ୍ଧ ସନ୍ନ୍ୟାସୀ ରୂପରେ ଆସିଥିଲେ। ଏହି ହେତୁ ତ୍ରିକୁଟ ତାଙ୍କୁ ଚିହ୍ନିପାରିଲେ ନାହିଁ। ତା'ପରେ ଶ୍ରୀରାମ ନିଜ ସ୍ୱରୂପ ଧାରଣ କରି କହିଲେ କଳିଯୁଗରେ କଳ୍କୀ ରୂପେ ପ୍ରକଟିତ ହେବେ। ସେତେବେଳେ ତ୍ରିକୁଟଙ୍କୁ ବିବାହ କରିବେ। ତେଣୁ ତ୍ରିକୁଟ କଳିଯୁଗର ଦେବୀ ହୋଇ ସମସ୍ତଙ୍କର ମନବାଞ୍ଛା ପୂରଣ କରୁଛନ୍ତି। ବାନର ତାଙ୍କର ଦେହରକ୍ଷୀ ରହିବେ ବୋଲି ଶ୍ରୀରାମ କହିଥିଲେ। ଆଜି ସେ ବୈଷ୍ଣୋଦେବୀ ରୂପେ ପୂଜିତ। ମା'ଙ୍କୁ ଗଭୀର ଭକ୍ତିରେ ପୂଜା କଲେ ସୁଫଳ ମିଳିଥାଏ। ମା'ଙ୍କ ଲୀଳା ଅପୂର୍ବ ଅଟେ। ସାତଶହ ବର୍ଷ ତଳେ ହନସାହି ଗ୍ରାମରେ ଶ୍ରୀଧର ନାମକ ବାଳକ ଜନ୍ମ ଗ୍ରହଣ କରିଥିଲା। ସେ ମା'ଙ୍କ ପୂଜା ଆରାଧନା ନିଷ୍ଠାର ସହ କରୁଥିଲେ। ମା'ଙ୍କର ନୂପୁର ଶବ୍ଦ ଶ୍ରବଣ କଲେ କିନ୍ତୁ ସ୍ୱଚକ୍ଷୁରେ ଦର୍ଶନ ପାଇଲେ ନାହିଁ। ସେ କନ୍ୟା ପୂଜନ ଉତ୍ସବ ପାଳନ ପାଇଁ ବ୍ୟସ୍ତ ଥିଲେ। କନ୍ୟା ପୂଜନ ଉତ୍ସବରେ ସାତଜଣ କନ୍ୟା ଥିଲେ। ତନ୍ମଧ୍ୟରୁ ଜଣେ ଅପୂର୍ବ ସୁନ୍ଦରୀ କନ୍ୟା ଥିଲେ। ସେ ତାଙ୍କର ପରିଚୟ ପାଇପାରିଲେ ନାହିଁ। ତାଙ୍କ ମୁଖରୁ ଜ୍ୟୋତି ପ୍ରକଟିତ ହେଉଥିଲା। ସେ ସହସ୍ର କମଳର ସୌନ୍ଦର୍ଯ୍ୟ ବହନ କରୁଥିଲେ। ନାଲି ବସ୍ତ୍ର ପରିଧାନ କରିଥିଲେ। ଶ୍ରୀଧର ସେହି କନ୍ୟାର ପଦଯୁଗଳ ପ୍ରକ୍ଷାଳନ କଲେ। ତତ୍‌ପରେ ସପ୍ତକନ୍ୟାଙ୍କୁ ଫଳ, ପୁଷ୍ପ, ଚନ୍ଦନ, ଅଗୁରୁ ଓ ନୈବେଦ୍ୟ ଦେଇ ପୂଜନ କଲେ। ସେହି କନ୍ୟା ଜଣକ କହିଲେ ମୁଁ ତମ୍ଭ ନିକଟକୁ ଏକ ବିଶେଷ କାର୍ଯ୍ୟ ନେଇ ଆସିଛି। ତୁମେ ସମସ୍ତଙ୍କୁ ଖବର ଦିଅ ଆସନ୍ତା କାଲି ଏକ ବିଶେଷ ଭୋଜି ହେବ। ତାହାର ବନ୍ଦୋବସ୍ତ ମୁଁ କରିବି। ଏତିକି କହି ତତ୍‌କ୍ଷଣାତ ଅନ୍ତର୍ଦ୍ଧାନ ହୋଇଗଲେ। ପଣ୍ଡିତଜୀ ଚିନ୍ତା କଲେ ମୁଁ ସିନା ସମସ୍ତଙ୍କୁ ନିମନ୍ତ୍ରଣ କରିଦେବି; କିନ୍ତୁ କେତେ ଜଣ ଆସିବେ, କ'ଣ ଭୋଜିରେ ଲାଗିବ? ଏ ସମସ୍ତ କଥା ତାଙ୍କୁ ଅଗୋଚର। ସେ ମା'ଙ୍କର ଆଦେଶ ହେତୁ ସମସ୍ତ ସାଧୁ ସନ୍ଥଙ୍କୁ ନିମନ୍ତ୍ରଣ କଲେ। ସନ୍ଥ ଭୈରବନାଥ ମଧ୍ୟ ନିମନ୍ତ୍ରିତ ହେଲେ। ସେ ତାଙ୍କ ପୂଜ୍ୟଗୁରୁ ଗୋରଖନାଥ ଓ ତାଙ୍କର ଶିଷ୍ୟମାନଙ୍କୁ ଯୋଗ ଦେବାକୁ କହିଲେ। ଗୋରଖନାଥ ସେ ଦେବକନ୍ୟା ବିଷୟରେ ଅବଗତ ହେବାକୁ ଚାହିଁଲେ। ଭୋଜିର ପୂର୍ବଦିନ ପର୍ଯ୍ୟନ୍ତ କନ୍ୟାର ଦେଖାନାହିଁ। ଭୋଜିର ଯୋଗାଡ଼ ନାହିଁ। ସମସ୍ତେ ନିମନ୍ତ୍ରଣ ପାଇ ଆସିଗଲେ। ଶ୍ରୀଧର ଆତୁର ହୋଇ ଦେବକନ୍ୟାଙ୍କୁ ଆବାହନ କଲେ। ହଠାତ୍ ତ୍ରିଶୁଳଧାରୀ ଦେବୀ ଆବିର୍ଭାବ ହେଲେ। ଦେବ କନ୍ୟା କହିଲେ ପଣ୍ଡିତଜୀ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ସବୁ ଯୋଗାଡ଼ ହୋଇଯିବ। ଅତିଥିମାନଙ୍କୁ ସମ୍ମାନର ସହ ଆସନ ଦେଇ ବସାନ୍ତୁ। ଗୋରଖନାଥ ଓ ତାଙ୍କ ଶିଷ୍ୟମାନଙ୍କୁ କୁଟୀର ମଧ୍ୟରେ ବସାନ୍ତୁ। ପଣ୍ଡିତଜୀ ଦେଖିଲେ ଏହା ଅସମ୍ଭବ। ଏତେ ଅଧିକ ଲୋକ ଏହି ଛୋଟ କୁଟୀରରେ କିପରି ବସିବେ? ମା'ଙ୍କର ଅଲୌକିକ ପ୍ରଭାବରେ ସମସ୍ତେ ବସିପାରିଲେ। ଆହୁରି ସ୍ଥାନ ବଳକା ହେଲା। ସମସ୍ତ ନିମନ୍ତ୍ରିତ ବ୍ୟକ୍ତିମାନେ ନିଜର ଇଚ୍ଛାନୁସାରେ ଖାଦ୍ୟ ପାଇଲେ। ଏଠାରେ ଏକ ବ୍ୟତିକ୍ରମ ଦେଖାଗଲା। ଭୈରବ ବାବା



ମଦ ଓ ମାଂସ ଖାଇବାକୁ ଅଡ଼ି ବସିଲେ। ଦେବକନ୍ୟା କହିଲେ ଏହା ଏକ ନିରାମିଷ ଭୋଜି। ଏଥିରେ ଏସବୁ ମିଳିବନାହିଁ। ଦେବକନ୍ୟା ଓ ଭୈରବ ବାବାଙ୍କ ମଧ୍ୟରେ ଯୁକ୍ତିତର୍କ ହେଲା। ତତ୍‌ପର ଦେବ କନ୍ୟା ଅଚାନକ ଅନ୍ତର୍ଦ୍ଧାନ ହୋଇଗଲେ। ସନ୍ଥ ଗୋରଖନାଥ ଭୈରବ ବାବାଙ୍କୁ ଦେବକନ୍ୟା ଅନ୍ୱେଷଣ କରିବାକୁ ପରାମର୍ଶ ଦେଲେ। ଶ୍ରୀଧର ଦେବକନ୍ୟାଙ୍କ ଦର୍ଶନ ନପାଇ ଦୁଇଦିନ ଉପବାସରେ ରହିଲେ। ଦେବକନ୍ୟା ତ୍ରିଶୁଳଧାରୀ ମା'ଦୁର୍ଗା ରୂପରେ ଆବିର୍ଭାବ ହେଲେ। ପଣ୍ଡିତଜୀ ମା'ଙ୍କୁ ପ୍ରଣାମ କଲେ। ସେ ଦୁର୍ଗା ସ୍ତବ ପାଠ କରି ସନ୍ତୁଷ୍ଟ କରିବାକୁ ଚେଷ୍ଟା କଲେ। ମା' ତାଙ୍କୁ ଉପବାସ ରହିବାର କାରଣ ପଚାରିଲେ। ଶ୍ରୀଧର ମା'ଙ୍କ ଦର୍ଶନ ଅଭିଳାଷୀ ଥିଲେ। ଶ୍ରୀଧର ମାଙ୍କର ଅନୁସରଣ କଲେ। ମା' ଗୁମ୍ଫା ମଧ୍ୟରେ ତାଙ୍କର ଆସ୍ଥାନ ଦେଖାଇଲେ। ହଠାତ୍ ଶ୍ରୀଧର ମୂର୍ଚ୍ଛା ହୋଇଗଲେ। ସମୟ ଅତିବାହିତ ହୋଇ ନଅମାସ କଟିଗଲା। ସେ ଶଯ୍ୟାତ୍ୟାଗ କରି ଉଠିଲେ କିନ୍ତୁ ମା'ଙ୍କ ସ୍ୱରୂପ ଓ ଆସ୍ଥାନ କଥା ଭୁଲିଗଲେ। ଗୁମ୍ଫା କଥା ମନେପଡ଼ିଲା ନାହିଁ।

ଭୈରବ ବାବା ମା'ଙ୍କ ଅନ୍ୱେଷଣରେ ପାହାଡ଼, ପର୍ବତ, ଗୁମ୍ଫା ବୁଲୁଥାଆନ୍ତି। ଜଣେ ସାଧୁଙ୍କ ଠାରୁ ମା' ଏକ ଗୁମ୍ଫାରେ ଥିବା ସମ୍ବାଦ ପାଇଲେ। ସାଧୁଜଣକ କହିଲେ ସେ ସାମାନ୍ୟ ସ୍ତ୍ରୀ ଲୋକ ନୁହଁନ୍ତି। ସେ ଆଦିକୁମାରୀ। ସାଧୁ ତାଙ୍କୁ ଗୁମ୍ଫା ମଧ୍ୟକୁ ପ୍ରବେଶ କରିବାକୁ ବାରଣ କଲେ। ଏହାସତ୍ତ୍ୱେ ଭୈରବ ବାବା ଗୁମ୍ଫାକୁ ପ୍ରବେଶ କଲେ। ମା'ତ୍ରିଶୁଳରେ ଅନ୍ୟ ରାସ୍ତା ନିର୍ମାଣ କରି ବାହାରକୁ ଚାଲିଗଲେ। ମା' ତ୍ରିକୁଟ ପର୍ବତରେ ପହଞ୍ଚିଗଲେ। ଭୈରବ ବାବାଙ୍କୁ ଫେରି ଯିବାକୁ କହିଲେ। ସେ ଗୁମ୍ଫାରେ ପ୍ରବେଶ କରିବାକୁ ଜିଦ୍ ଧରିଲେ। ମା'ବୀର ଲାଙ୍ଗୁର ମାଙ୍କଡ଼କୁ ଦ୍ୱାରରେ ଜଗାଇ ଭିତରକୁ ଚାଲିଗଲେ। ଭୈରବ ବାବା ଲାଙ୍ଗୁର ସହ ଯୁଦ୍ଧ କରି ପରାସ୍ତ କରି ମନ୍ଦିରରେ ପ୍ରବେଶ କଲେ। ମା'ଦୁର୍ଗା ଚଣ୍ଡୀ ରୂପ ଧାରଣ କରି ଭୈରବ ବାବାଙ୍କୁ ଖଣ୍ଡାରେ ହାଣି ଦେଲେ। ତାଙ୍କର ମସ୍ତକ ପାହାଡ଼ର ଅଗ୍ରଭାଗରେ ପଡ଼ିଲା। ତାର କାତର ପ୍ରାର୍ଥନାରେ ଦୟା ପରବଶ ହୋଇ ମା'ତାଙ୍କୁ ଆଶୀର୍ବାଦ କରି ବର ଦେଲେ, ଭକ୍ତଗଣ ମୋ ପୂଜା ସାରି ତୁମକୁ ପୂଜା କରିବେ। ଏହି କଥାନୁସାରେ ଭକ୍ତମାନେ ବୈଷ୍ଣୋଦେବୀଙ୍କ ଦର୍ଶନପରେ ପାହାଡ଼ର ଶିଖରରେ ବାବାଙ୍କ ପୂଜା ଅର୍ଚ୍ଚନା କରନ୍ତି। ଏହାପରେ ଶ୍ରୀଧର ମା'ଙ୍କୁ ଗୁମ୍ଫାରେ ଦର୍ଶନ କଲେ। ମା'ଶ୍ରୀଧରଙ୍କୁ ଆଶୀର୍ବାଦ କରି କହିଲେ ତୁମର ସନ୍ତାନ ହେବ ଓ ତୁମର ବଂଶଧରମାନେ ମୋତେ ପୂଜା ଅର୍ଚ୍ଚନା କରିବେ। ଏହା ହିଁ ଏ ପର୍ଯ୍ୟନ୍ତ ଚାଲିଆସୁଛି। ଆଜି ସମସ୍ତ ଭକ୍ତମାନେ କଳିଯୁଗର ମା'ବୈଷ୍ଣୋ ଦେବୀଙ୍କୁ ପୂଜା କରି ଚାଲୁଛନ୍ତି। ସେ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ କରୁଛନ୍ତି।

*ଉତ୍ତରାୟଣ, ୭୩୮/୧୦*
*ଜୟଦେବ ବିହାର, ଭୁବନେଶ୍ୱର*
*ଦୂରଭାଷ : ୯୪୩୭୪୩୭୯୭୦*






## ୫-ଟି' ଆଧାରରେ କାର୍ଯ୍ୟ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଏକ ଉତରଦାୟୀ ଓ ସ୍ୱଚ୍ଛ ଶାସନ ଦେବା ପାଇଁ ୫-ଟି ସୂତ୍ର ଆରମ୍ଭ କରିଛନ୍ତି । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ, ବୈଷୟିକ ଜ୍ଞାନ କୌଶଳର ଉପଯୋଗ, ସାମୂହିକ ଉଦ୍ୟମ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଦ୍ୱାର ପରିବର୍ତନ ହାସଲକୁ ପ୍ରଶାସନର ସମସ୍ତ ସ୍ତରରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବନଖଣ୍ଡ ଅଧିକାରୀମାନେ ଏହି ୫ଟି ସୂତ୍ରକୁ ଆଧାର କରି ବିଭାଗୀୟ ଯୋଜନାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳାଭାବେ ରୂପାୟିତ କରବାକୁ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଜି ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ, ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସୁପରିଚାଳନା ବନଖଣ୍ଡ ଅଧିକାରୀମାନଙ୍କ ହାତରେ ନ୍ୟସ୍ତ । ନୂତନ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଦ୍ୱାରା ଜଙ୍ଗଲ ଓ ଜଙ୍ଗଲ ସମ୍ପଦର ବିକାଶମୁଖୀ ପରିଚାଳନା ସମ୍ଭବ ହେବ । ସେମାନଙ୍କ ନିଷ୍ଠା ଓ କର୍ତବ୍ୟବୋଧ ଯୋଗୁ ରାଜ୍ୟର ଜଙ୍ଗଲ ପରିସୀମା ବଢ଼ିଛି । ସାରା ଦେଶରେ ଆମ ରାଜ୍ୟ ଚତୁର୍ଥ ସ୍ଥାନ ହାସଲ କରି ସୁନାମ ଅର୍ଜନ କରିଛି । ମନ୍ତ୍ରୀ ଶ୍ରୀ ଆରଖ କହିଲେ ଯେ, କାମ୍ପା ଯୋଜନାରେ ୨୦୦୯-୨୦୧୦ଠାରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ବାର୍ଷିକ କାମ୍ପା ଯୋଜନାରେ ବିଭିନ୍ନ କିସ୍ତିରେ ସମୁଦାୟ ୨ ହଜାର ୬୪୪ କୋଟି ଟଙ୍କାର ପ୍ରାପ୍ତ ହୋଇଥିଲା ଏବଂ ଏହି ଅର୍ଥକୁ ଅତି ସଫଳତାର ସହ ବିନିଯୋଗ କରାଯାଇଛି । ଜାତୀୟ କ୍ଷତିପୂରକ ବନୀକରଣ ଜମା ଅର୍ଥରୁ କାମ୍ପା ପାଣ୍ଠି ବିନିଯୋଗ ଉଦ୍ଦେଶ୍ୟରେ ଓଡ଼ିଶାର ଅଂଶଧନ ବାବଦକୁ ରାଜ୍ୟ ୫୯୩୩ କୋଟି ଟଙ୍କା ପାଇଛି । ୨୦୧୯-୨୦ ବାର୍ଷିକ କାର୍ଯ୍ୟ ଯୋଜନାରେ କାମ୍ପାରେ ମୁଖ୍ୟତଃ ବନୀକରଣ, ବନ୍ୟଜନ୍ତୁ ପରିଚାଳନା, ଜଙ୍ଗଲ ସୁରକ୍ଷା, ଦକ୍ଷତା ବୃଦ୍ଧି ଏବଂ ଆନୁସଙ୍ଗିକ ବ୍ୟୟ ବାବଦକୁ ୫୯୩ କୋଟି ଟଙ୍କାର ଅନୁମୋଦନ ମିଳିଛି । କ୍ଷତିପୂରକ ବନୀକରଣ ପାଣ୍ଠି ଉପଯୋଗ ନିମନ୍ତେ ଏକ ସ୍ୱଚ୍ଛ ଆର୍ଥିକ ପ୍ରଣାଳୀ ପ୍ରଣୟନ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ । ଏହି ବିପୁଳ କାମ୍ପା ପାଣ୍ଠିର ସୁବିନିଯୋଗ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ବନୀକରଣ, କ୍ଷତିପୂରକ ବନୀକରଣ, ଜଙ୍ଗଲ ସୁରକ୍ଷା, ସମନ୍ୱିତ ବନ୍ୟପ୍ରାଣୀ ପରିଚାଳନା, ଆମ ଜଙ୍ଗଲ ଯୋଜନା, ଭିତିଭୂମି ଉନ୍ନୟନ ଆଦି ବିଭିନ୍ନ କ୍ଷେତ୍ରରେ କାମ୍ପା ପାଣ୍ଠିକୁ ବନଖଣ୍ଡ ଅଧିକାରୀମାନେ ସମସ୍ତ ସ୍ୱଚ୍ଛତା ବଜାୟ ରଖିବା ସହ ମାର୍ଗଦର୍ଶିକା ଅନୁସାରେ ସମଯୋଚିତ ଭାବେ ବିନିଯୋଗ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ଅପରୂପ ସୌନ୍ଦର୍ଯ୍ୟ ବିମଣ୍ଡିତ ସ୍ଥଳୀଗୁଡ଼ିକୁ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ କିରବା ଉପରେ ସଦା ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି ।

## ଆସନ୍ତା ୨୧ରେ ଓଟିଇଟି ଫଳ

**ଭୁବନେଶ୍ୱର:** ଆସନ୍ତା ଏକ ମାସ ଅର୍ଥାତ ନଭେମ୍ବର ୨୧ତାରିଖ ମଧ୍ୟରେ ପ୍ରକାଶ ପାଇବ ଓଟିଇଟି ପରୀକ୍ଷା ଫଳ। ପରୀକ୍ଷାରେ ମାର୍କିଂ ଯାଞ୍ଚ ଲାଗି ଆବେଦନକାରୀମାନେ ଯେଉଁ ରିଚେକିଂ ଫି' ପୈଠ କରିଥିଲେ ତାହା ଛାତ୍ରଛାତ୍ରୀଙ୍କୁ ଫେରାଇ ଦିଆଯିବ ବୋଲି ସୋମବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତ୍ତି ହୋଇଛି। ଏହା ସହିତ ଏହି ପରୀକ୍ଷାରେ ଯେଉଁ ବ୍ୟାପକ ତ୍ରୁଟି ଥିବା ଅଭିଯୋଗ ହୋଇଛି ସେ ସମ୍ପର୍କରେ ଅନୁଧ୍ୟାନ କରି ଏହାର ସାମାଧାନ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଥିବା ପ୍ରମାଣିତ ହେଲେ ରିଚେକିଂ ଲାଗି ଛାତ୍ରଛାତ୍ରୀମାନେ ଯେଉଁ ଅର୍ଥ ପୈଠ କରିଛନ୍ତି ତାହା ଫେରସ୍ତ କରାଯିବ ବୋଲି ମଧ୍ୟ ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି। ପ୍ରକାଶ ଥାଉକି, ଅଗଷ୍ଟରେ ହୋଇଥିବା ଅନ୍‌ଲାଇନ୍ ପରୀକ୍ଷାରେ ଆନ୍ସର କି'ରେ ବ୍ୟାପକ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ଯାହାକୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏହାର ସୁଧାର ନହେଲେ ବିବାଦ ଆଗକୁ ତୀବ୍ରତର ହେବ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଥିଲେ। ସେହିପରି ପ୍ରଶ୍ନ ପିଛା ପରୀକ୍ଷାର୍ଥୀଙ୍କ ଚାଲେଞ୍ଜ ଲାଗି ୫୦୦ଟଙ୍କା ଫି' ଧାର୍ଯ୍ୟ ହୋଇଥିଲା। ଏପରି ଅବ୍ୟବସ୍ଥା ଲାଗି ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ସ୍କୁଲ ଓ ଗଣଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏକ ପ୍ରକାର ଦୁର୍ନୀତିକୁ ପ୍ରୋତ୍ସାହନ ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଏହାବ୍ୟତୀତ କିଛି ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ୧୬ରେ ଏହାର ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ମାତ୍ର କର୍ତ୍ତୃପକ୍ଷଙ୍କ ଅବହେଳାରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଫଳରେ ସମ୍ପୃକ୍ତ ପରୀକ୍ଷାକୁ ବାତିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ଅନ୍‌ଲାଇନ୍ ପରୀକ୍ଷା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେଉଁ ପରୀକ୍ଷାର୍ଥୀ ଅଫ୍‌ଲାଇନ୍ ପରୀକ୍ଷାରେ ସାମିଲ ହୋଇନଥିଲେ ସେମାନେ ଏହି ପରୀକ୍ଷା ଲାଗି ଆବେଦନ କରିବା ସହ ଅଫ୍‌ଲାଇନ୍ ପରୀକ୍ଷା ଲାଗି ଆବେଦନ କରିଥିବା ପରୀକ୍ଷାର୍ଥୀମାନେ ମଧ୍ୟ ଏହି ପରୀକ୍ଷା ଦେଇପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଫଳରେ ଅଫ୍‌ଲାଇନ୍ ପରୀକ୍ଷା ଲାଗି ପୂର୍ବରୁ ଆବେଦନ କରିଥିବା ପିଲାଙ୍କୁ ଏହି ପରୀକ୍ଷା ଲାଗି ସୁଯୋଗ ମିଳିଥିଲେ ହେଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବାକୁ ୫୦୦ କିଲୋମିଟର ଦୂରରେ ପରୀକ୍ଷା କେନ୍ଦ୍ର ପଡ଼ିଥିଲା। ଏହାପରେ ବୋର୍ଡ ପକ୍ଷରୁ ଯେଉଁ ଉତ୍ତର କି' ପ୍ରକାଶ ପାଇଥିଲା ସେଥିରେ ମଧ୍ୟ ବହୁ ତ୍ରୁଟି ଥିବା ଜଣାପଡ଼ିଥିଲା। ଯେପରିକି ପ୍ରଶ୍ନ ଓ ଉତ୍ତର ଅନୁଯାୟୀ, ଓଡ଼ିଶାର ୨୬ତମ ଗଭର୍ଣ୍ଣର କିଏ? ଯାହାର ଉତ୍ତର ପ୍ରଫେସର ଗଣେଶୀ ଲାଲ ପରିବର୍ତ୍ତେ ଯେଉଁ ଆନ୍ସର କି ପ୍ରକାଶ ପାଇଥିଲା ସେଥିରେ ନବୀନ ପଟ୍ଟନାୟକ ବୋଲି ଦର୍ଶାଯାଇଥିଲା। ଗତ ୫ତାରିଖରୁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରୀକ୍ଷାର୍ଥୀଙ୍କ ଲାଗି ଦିଆଯାଇଥିବା ଉତ୍ତର କିରେ ଏଭଳି ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଅଗଷ୍ଟ ୫ରୁ ୧୮ତାରିଖ ପର୍ଯ୍ୟନ୍ତ ୪୫ଟି ସିଫ୍ଟରେ ହୋଇଥିବା ଅନ୍‌ଲାଇନ୍ ପରୀକ୍ଷାରେ ଏଭଳି ତ୍ରୁଟି ଲାଗି କିଏ ଦାୟୀ ତାକୁ ନେଇ ଲକ୍ଷାଧିକ ପିଲାମାନେ ପ୍ରଶ୍ନ ଉଠାଇଥିଲେ। ଯେଉଁ ପରୀକ୍ଷାର୍ଥୀମାନେ ନିଜ ଉତ୍ତରକୁ ନେଇ ଚ୍ୟାଲେଞ୍ଜ କରିବାକୁ ଚାହାନ୍ତି ସେମାନଙ୍କ ଲାଗି ପ୍ରତି ଉତ୍ତର ପିଛା ୫୦୦ଟଙ୍କା ମଧ୍ୟ ଧାର୍ଯ୍ୟ ହୋଇଥିଲା। ଫଳରେ ଜଣେ ପରୀକ୍ଷାର୍ଥୀ ଯଦି ତା'ର ସବୁ ଉତ୍ତରଖାତା ଯାଞ୍ଚ କରିବାକୁ ଚାହେଁ ତେବେ ସେବାବଦରେ ସମ୍ପୃକ୍ତ ଆବେଦନକାରୀଙ୍କୁ ୭୫୦୦ଟଙ୍କା ପୈଠ କରିବାକୁ ପଡ଼ିଥାନ୍ତା। ଉତ୍ତରଖାତା ଯାଞ୍ଚ ଲାଗି ପ୍ରାୟ ୫ହଜାର ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ପରୀକ୍ଷାରେ କାହିଁକି ତ୍ରୁଟି ରହିଲା ଏବଂ ଗ୍ରେସ ମାର୍କ ଦିଆଯିବ କି ନାହିଁ ସେଥିପାଇଁ ଏକ କଣ୍ଡକ୍ଟିଂ ବୋର୍ଡ ନିଷ୍ପତ୍ତି ଗ୍ରହଣ କରିବ। ପୂର୍ବରୁ ଅଫ୍‌ଲାଇନ୍ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ଥିବା ବେଳେ ପରେ ପ୍ରକାଶିତ ଆନ୍ସର କିରେ ଏଭଳି ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ବୋର୍ଡର ଖାମଖିଆଲି ପରିଚାଳନାକୁ ପଦାରେ ପକାଇଥିଲା। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଅଭିଯୋଗକୁ ବୋର୍ଡ ମଧ୍ୟ ପୂର୍ବରୁ ଅସ୍ୱୀକାର କରିଥିଲା। ଯୋହାକୁ ନେଇ ଛାତ୍ରଛାତ୍ରୀମାନେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବା ସହ ନ୍ୟାୟ ନମିଳିଲେ ଆନ୍ଦୋଳନ ତିବ୍ରତର ହେବ ବୋଲି ପିଲାମାନେ ଚେତାବନୀ ଦେଇଥିଲେ। ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ ଘଟଣାର ସମୀକ୍ଷା ଲାଗି ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମନ୍ତ୍ରୀ ଶ୍ରୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଣଶିକ୍ଷା ବିଭାଗର ସଚିବ ଚିତ୍ରା ଅରୁମୁଗଙ୍କ ସମେତ ସ୍ପେଶାଲ ସେକ୍ରେଟାରୀ ବିଶ୍ୱନାଥ ପ୍ରଧାନ, ଅତିରିକ୍ତ ସଚିବ ଖଗେନ୍ଦ୍ର ପାଢ଼ୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ରାମାଶିଷ ହାଜରା ଏବଂ ପରୀକ୍ଷା ନିୟନ୍ତ୍ରକ ନିହାର ମହାନ୍ତି ଉପସ୍ଥିତ ଥିଲେ।



# ବିକାଶ ଜେନା ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେପି



**ଭୁବନେଶ୍ୱର :** ମାହାଙ୍ଗା ନିର୍ବାଚନମଣ୍ଡଳୀର ନୃତାଙ୍ଗ ଗ୍ରାମ ପଞ୍ଚାୟତର ଜଣେ ଦଳିତ ଯୁବକ ବିକାଶ ଜେନାଙ୍କୁ ସେହି ପଞ୍ଚାୟତର ସରପଞ୍ଚ ପ୍ରଫୁଲ କୁମାର ବିଶ୍ୱାଲ ଡିସେମ୍ବର ୨୦୧୮ ମସିହାରେ ହତ୍ୟା କରିଥିଲେ। ହତ୍ୟାକାରୀ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଅପରାଧୀ ନାଁ ରେ ଅନେକ ସଙ୍ଗୀନ ମାମଲା ଥିବା ସତ୍ତ୍ୱେ ପୋଲିସ ଶାସକ ଦଳ ଚାପରେ ତାକୁ ଗିରଫ କରୁନାହିଁ। ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମାହାଙ୍ଗା ଗସ୍ତ କରି ମୃତ ବିକାଶ ଜେନାଙ୍କ ପରିବାରକୁ ଭେଟିବା ସହ ମାହାଙ୍ଗା ପୋଲିସ ଆଗରେ ଅପରାଧୀ ପ୍ରଫୁଲ ବିଶ୍ୱାଳକୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ସେହିପରି ମାହାଙ୍ଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। କୋଠା ଘର ଥିବା ଲୋକଙ୍କୁ ପକ୍କା ଘର ମିଳିଛି ଏବଂ ଯାହାର କଚ୍ଚା ଘର ଅଛି ତାକୁ ପକ୍କା ଘର ମିଳିନାହିଁ । ୨୦୦୨ ମସିହାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କେଶବ ଜେନା ଇନ୍ଦିରା ଆବାସ ଘର ପାଇଥିଲେ। ୨୦୧୪-୧୫ ମସିହାରେ ତାଙ୍କ ପୁଅ ଫକୀର ଜେନା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ଏକ ଘର ନେଇଥିଲେ। ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟରେ ଏହା ବେଆଇନ ବୋଲି ଦର୍ଶାଯାଇଛି । ଏହିପରି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୫ ହଜାରରୁ ଉର୍ଦ୍ଧ୍ୱ ଘର ବେଆଇନ ଭାବେ ବଂଟନ କରାଯାଇଛି। କେଶବ ଜେନାଙ୍କ ଉପର ମହଲାରେ ତାଙ୍କ ପୁଅ ଫକୀର ଜେନା ଘର କରିଛନ୍ତି ବୋଲି ଜିଲ୍ଲାପାଳ ରିପୋର୍ଟ ଦେଇଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ଆଇନରେ ମାହାଙ୍ଗା ପଞ୍ଚାୟତ ସମିତିର ଅଧକ୍ଷ ଭିକାରୀ ସ୍ୱାଇଁଙ୍କ ନାଁ ରାସନ କାର୍ଡରେ ରହିବା ଘଟଣା ସମସ୍ତ ଖବରକାଗଜରେ ପ୍ରକାଶ ପାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ନୃତଙ୍ଗ ପଞ୍ଚାୟତର ହରେକୃଷ୍ଣ ବାରିକ, ତ୍ରିଲୋଚନ ସ୍ୱାଇଁ, ଆମୀୟ ସାହୁ, ବିଶ୍ୱନାଥ ପଣ୍ଡାଙ୍କ ଘରକୁ ଜିଓ ଟ୍ୟାଗିଙ୍ଗ କରାଯାଇଛି । ବାସ୍ତବରେ ଏମାନେ ହେଉଛନ୍ତି ଅଯୋଗ୍ୟ ହିତାଧିକାରୀ ଏବଂ ଧନୀକ ଶ୍ରେଣୀର ବ୍ୟକ୍ତି। ଶାସକ ଦଳର ସହ ଏମାନଙ୍କ ସଂପୃକ୍ତି ଥିବାରୁ ଏମାନଙ୍କୁ ଘର ବଣ୍ଟନ କରାଯାଇଛି। କିନ୍ତୁ ଯୋଗ୍ୟ ହିତାଧିକାରୀ ଗରୀବ ଅସହାୟ ବ୍ୟକ୍ତି ଯଥା ଅମୀୟ ଜେନା, ବ୍ରଜ କିଶୋର ଜେନା, ଅମୂଲ୍ୟ କୁମାରଦାସ, ପରମାନନ୍ଦ ମହାପାତ୍ର ଏବଂ ବାବାଜୀ ସାହୁ ପ୍ରମୁଖ ଯୋଗ୍ୟ ବ୍ୟକ୍ତି ହୋଇ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ହୋଇଛନ୍ତି। ପକ୍କା ଘର ଦୁର୍ନୀତି ନେଇ ମାହାଙ୍ଗା ଜିଲ୍ଲା ବିଜେପି ପକ୍ଷରୁ ବିରୋଧୀ ଦଳ ନେତାଙ୍କୁ ଏକ ଦାବି ପତ୍ର ଦିଆଯାଇଛି । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଜିଲ୍ଲା ପ୍ରଶାସନକୁ ଭେଟି ଅଯୋଗ୍ୟ ହିତାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବା ପାଇଁ ଦାବି କରିଛନ୍ତି। ଶ୍ରୀ ନାୟକ ଗୌଡପଡା ଡାକ ବଙ୍ଗଳାର ପ୍ରମୁଖ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେବା ସହ ଏକ ସାମ୍ବାଦିକ ସମ୍ମିଳନୀ କରି ପକ୍କା ଘର ଦୁର୍ନୀତି ସର୍ମ୍ପକରେ ନିଜ ଅଭିଭାଷଣ ରଖିଥିଲେ।

## ୨୯୯ ଅଧାପକଙ୍କୁ ନିଯୁକ୍ତି ପତ୍ର ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଉଚ୍ଚ ଶିକ୍ଷା ବିଭାଗ ରେ ନବ ନିଯୁକ୍ତ ଅଧାପକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ମନୋନୀତ ହୋଇଥିବା ସମୁଦାୟ ୮୩୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଶୁକ୍ରବାର ୨୯୯ ଜଣଙ୍କୁ ନିଯୁକ୍ତି ପତ୍ର ମିଳିଛି। ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ସେମାନଙ୍କ ଅବସ୍ଥାନ ପ୍ରକ୍ରିୟା ଶେଷ ହେବ। ନବ ନିଯୁକ୍ତ ସମସ୍ତ ଅଧାପକମାନଙ୍କୁ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତି ଦିଆଯିବ। ଜୟଦେବ ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ଅଧାପକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅଧାପନା ବୃତି ସମାଜରେ ସର୍ବୋଚ୍ଚ ସମ୍ମାନ ବହନ କରିଥାଏ। ଶିକ୍ଷକମାନେ ଆମ ସମାଜର ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରନ୍ତି। ସେମାନେ କଳ୍ପନା, ଜଟିଳ ଭାବନା ଏବଂ ସୃଜନଶୀଳତାକୁ ଉତ୍ସାହ ଦିଅନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶିକ୍ଷାର ମାନ ଉନ୍ନତ କରାଇବାକୁ ମୋ ସରକାର ନିଷ୍ଠାପର ଉଦ୍ୟମ କରୁଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ତରୁଣ ଶିକ୍ଷାଦାତାଙ୍କ ପାଇଁ ଗବେଷଣା ପାଣ୍ଠି ଥିବା 'ସେଂଟର୍ସ୍ ଫର୍ ଏକ୍ସେଲେନ୍ସ' ସ୍ଥାପନା କରୁଛୁ। ଓଡ଼ିଶାର ସାମାଜିକ ଆର୍ଥିକ ବିକାଶ ପାଇଁ ପ୍ରାସଙ୍ଗିକତା ଥିବା ବିଷୟଗୁଡ଼ିକ ଉପରେ ଗବେଷଣାକୁ ବଳିଷ୍ଠ କରିବା ପାଇଁ ଧ୍ୟାନ ଦେଉଛୁ।

## ଭାରତର ବିକାଶ ଯାତ୍ରାରେ ଜାପାନର ଇସ୍ପାତ ଶିଳ୍ପ ଭାଗିଦାର ହେବ : ଧର୍ମେନ୍ଦ୍ର



**ଜାପାନ/ଭୁବନେଶ୍ୱର :** ଭାରତର ବିକାଶ ଯାତ୍ରାରେ ଜାପାନର ଇସ୍ପାତ ଶିଳ୍ପ ଭାଗିଦାର ହେବ ବୋଲି ପାଞ୍ଚଦିନିଆ ଋଷ ଓ ଜାପାନ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଜାପାନର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କମ୍ପାନୀର ମୁଖ୍ୟ ଓ ପ୍ରତିନିଧିମାନଙ୍କୁ ଭେଟି ବ୍ୟବସାୟିକ ସମ୍ଭାବନା ଦିଗରେ ଆଲୋଚନା କରିବା ପରେ କହିଛନ୍ତି । ଏହାସହ ଶ୍ରୀ ପ୍ରଧାନ ଭାରତୀୟ ଇସ୍ପାତ ଶିଳ୍ପକୁ ଅଧିକ ସୁଦୃଢ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଡେତୋ, ନିପ୍ପନ ଏବଂ ଜେଏଫ୍‌ଇ ଓ ବିଭିନ୍ନ ଇସ୍ପାତ କମ୍ପାନୀର ମୁଖ୍ୟ ଓ ପ୍ରତିନିଧିଙ୍କ ସହ ଆଲୋଚନାକାଳରେ ଶ୍ରୀ ପ୍ରଧାନ ନିକଟରେ ଭାରତ ସରକାରଙ୍କ କର୍ପୋରେଟ୍ ଟିକସ ହାର ହ୍ରାସ ପଦକ୍ଷେପ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସରେ ଉନ୍ନତି ତଥା ଭାରତରେ ବ୍ୟବସାୟ ଓ ପୁଞ୍ଜିନିବେଶ କରିବା କିପରି ନୂତନ କମ୍ପାନୀ ଓ ନୂଆ ପୁଞ୍ଜିନିବେଶକାରୀଙ୍କୁ ସହାୟକ ହୋଇଛି ତା' ଉପରେ ଚର୍ଚ୍ଚା କରିଥିଲେ। ଶ୍ରୀ ପ୍ରଧାନ ଡେତୋ ଇସ୍ପାତ କମ୍ପାନୀର ପ୍ରତିନିଧିଙ୍କୁ ସାକ୍ଷାତ୍ କରି ଭାରତୀୟ ଇସ୍ପାତ ଶିଳ୍ପକୁ ଆହୁରି ମଜବୁତ୍ କରିବା ତଥା ବିଶେଷ ଭାବରେ ଟେକ୍ନୋଲୋଜି ହସ୍ତାନ୍ତରଣ ଏବଂ ଇସ୍ପାତ୍ ଉତ୍ପାଦନର ଦର ଉପରେ ଗୁରୁତ୍ୱାରୋପ କରିଥିଲେ। ଡେତୋ ବିଶ୍ୱର ବୃହତମ ସ୍ୱତନ୍ତ୍ର ଇସ୍ପାତ୍ ତିଆରି କରିବା କମ୍ପାନୀ ଗୁଡିକ ମଧ୍ୟରେ ଅନ୍ୟତମ । ଏହା ଉଚ୍ଚକୋଟୀର ସାମଗ୍ରୀ, ଚୁମ୍ବକୀୟ ସାମଗ୍ରୀ, ଅଟୋମୋବାଇଲ୍ ଉଦ୍ୟୋଗ ଏବଂ ଶିଳ୍ପଭିତିକ ଉପକରଣର ମଧ୍ୟ କାରବାର କରେ। ବିଭିନ୍ନ ସହଯୋଗୀ କମ୍ପାନୀ ଏବଂ ଯୁଗ୍ମ ଭେନଚରସ୍ କାରଣରୁ ଡେତୋ ଇସ୍ପାତର ସ୍ଥିତି ଭାରତରେ ଭଲ ରହିଛି। ସେହପରି ନିପ୍ପନ୍ ଇସ୍ପାତ୍ ଉଦ୍ୟୋଗର ବିଶ୍ୱ ବ୍ୟବସାୟିକ ବିକାଶ ଦଳର କାଟସୁହିରୋ ମିଆମୋଟୋ ଏବଂ ତାଇସୁକ୍ ନୋମୁରାଙ୍କୁ ଭେଟିଛନ୍ତି ଶ୍ରୀ ପ୍ରଧାନ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ଇସ୍ପାତ୍ ବ୍ୟବହାର ସହ ଭାରତରେ ବଡ ବଜାର ରହିଛି । ନିପ୍ପନ ଭାରତରେ ପୁଞ୍ଜିନିବେଶ କରିବା ପାଇଁ ଇଚ୍ଛା ରଖିଛି । ମୋଦି ସରକାରଙ୍କ ଦୂରଦୃଷ୍ଟିରେ ନୂଆ ଭାରତ ନିର୍ମାଣ ତଥା ଭାରତର ବିକାଶରେ ନିଜର ଉପସ୍ଥିତିକୁ ଜାହିର୍ କରିବା ପାଇଁ ଭାରତରେ ପୁଞ୍ଜିନିବେଶ ପାଇଁ ଶ୍ରୀ ପ୍ରଧାନ ନିପ୍ପନ କମ୍ପାନୀକୁ ନିମନ୍ତ୍ରଣ କରିଛନ୍ତି। ନିପ୍ପନ୍ ବିଶ୍ୱର ବୃହତମ ଇସ୍ପାତ୍ ନିର୍ମାଣକାରୀ ମାନଙ୍କ କମ୍ପାନୀ ମଧ୍ୟରୁ ଅନ୍ୟତମ । ଏହା ନିର୍ମାଣ କ୍ଷେତ୍ର, ଅଟୋମୋବାଇଲ ଉଦ୍ୟୋଗ, ଲୋକୋମୋଟିଭ୍ ଏବଂ ଜାହାଜନିର୍ମାଣ ପାଇଁ ଇସ୍ପାତ ଯୋଗାଇଥାଏ। ଏତଦବ୍ୟତିତ ଶ୍ରୀ ପ୍ରଧାନ ଜାପାନର ଜେଏଫ୍‌ଇ ଇସ୍ପାତ୍‌ର ଉପସଭାପତି ମାସାୟୁକି ହିରୋଜ୍‌ଙ୍କୁ ଭେଟିଛନ୍ତି । ଭାରତୀୟ ଇସ୍ପାତ୍ କ୍ଷେତ୍ର ସହ ଜେଇଏଫ ଦୀର୍ଘକାଳୀନ ସହଯୋଗୀ ହୋଇଥିବା ବେଳେ ଏହି କମ୍ପାନୀ ଭାରତରେ ନିଜ ଉଦ୍ୟୋଗର ସଂପ୍ରସାରଣ କରିବା ପାଇଁ ଇଚ୍ଛୁକ ଅଛି । ପୁଞ୍ଜିନିବେଶ କରିବା ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ହୋଇଥିବା ବେଳେ ବୃହତ ବଜାର, ଚାହିଦା ଏବଂ ଅନୁକୂଳଯୁକ୍ତ ବ୍ୟବସାୟିକ ପରିବେଶ ହୋଇଥିବାରୁ ଶ୍ରୀ ପ୍ରଧାନ ଭାରତରେ ଜେଇଏଫର ଇସ୍ପାତ ବୃଦ୍ଧି କରିବା ପାଇଁ ଜେଏଫ୍‌ଇ ଇସ୍ପାତ୍‌ର ଉପସଭାପତିଙ୍କୁ ନିମନ୍ତ୍ରଣ କରିଛନ୍ତି। ବିଶ୍ୱର ଇସ୍ପାତ୍ ନିର୍ମାଣକାରୀ କମ୍ପାନୀମାନଙ୍କ ମଧ୍ୟରୁ ଜେଇଏଫ କମ୍ପାନୀ ଅନ୍ୟତମ ହୋଇଥିବା ବେଳେ ଏହା ଇସ୍ପାତ୍ ଶିଳ୍ପ ପାଇଁ ପରିବେଶ ସହଯୋଗୀ ନୂଆ ଟେକ୍ନୋଲୋଜିର ବିକାଶ କରୁଅଛି।









ନ୍ୟୁ ଇଂଲଣ୍ଡରେ ଓଡ଼ିଆ ସୋସାଇଟ ପକ୍ଷରୁ ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏଠାରେ ବସବାସ କରୁଥିବା ବହୁ ଓଡ଼ିଆ ପରିବାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଉତ୍ସବର ପରିକଳ୍ପନା କରିଥିଲେ ସୁଚଲିଗ୍ମା ପାଣିଗ୍ରାହୀ ଓ ନିଶିକାନ୍ତ ଭଦ୍ରା। ପ୍ରାରମ୍ଭରେ ବାଳିକାମାନଙ୍କ ଦ୍ୱାରା ଚାନ୍ଦ ପୂଜା କରାଯାଇଥିବା ବେଳେ ପୁଚି ଖେଳ ପ୍ରତିଯୋଗିତା କରାଯାଇଥିଲା। ବିଜେତା ମାନଙ୍କୁ ଅନୁଷ୍ଠାନର ସଭାପତି ଦେବଦତ୍ତ ବେହେରା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଳୟ ପାଲ, ପ୍ରିୟା ପାଲ, ଶ୍ୱେତା ବେହେରା, ଅମିତ୍ର ପ୍ରିତମ, ଅକ୍ଷୟ ମହାନ୍ତି, ପ୍ରଦୀପ ସାହୁ, ରୀମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆରମ୍ଭ ହେଲା ସତ୍ୟନଗର କାଳୀପୂଜା



**ଭୁବନେଶ୍ୱର :** ସତ୍ୟନଗର ସ୍ଥିତ ରାଜଧାନୀର ସର୍ବପୁରାତନ ଶ୍ରୀଶ୍ରୀ ସତ୍ୟକାଳୀ ପୀଠରେ ମାତା ଅଦ୍ୟାଶକ୍ତି ଶ୍ରୀ ସତ୍ୟକାଳୀଙ୍କର ପବିତ୍ର କାଳୀପୂଜା ଉତ୍ସବ ୨୭ ତାରିଖ ଠାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାକାଳୀ ପୂଜା ମହାସମାରୋହରେ ପାଳିତ ହେବ। ଅକ୍ଟୋବର ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମା' କାଳୀଙ୍କ ମନ୍ଦିର ପରିସର ସୁସଜ୍ଜିତ ହେବା ସହିତ ମନ୍ଦିର ସାମ୍ନା ବିସ୍ତୃତ ଅଞ୍ଚଳରେ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକର ଝଲକ ଅପୂର୍ବ ମାହୋଲ ସୃଷ୍ଟି କରିଛି। ପୂଜା ଆରମ୍ଭ ଦିନରୁ ୧୦ ଦିନ ପର୍ଯ୍ୟନ୍ତ ମା' ଦଶ ମହାବିଦ୍ୟା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ୧୨ଟି ରାଶି ଅନୁଯାୟୀ ମା' ବିଭିନ୍ନ ବେଶ ଧାରଣ କରିବେ। ପୂଜା ଆରମ୍ଭ ଦିନ ମହାକାଳୀ ବେଶରେ ଦର୍ଶନ ଦେବେ। ଏହାପରେ ତାରା, ଷୋଡଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା ବେଶରେ ମଧ ଦର୍ଶନ ଦେବେ ମା' କାଳୀ। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ସହିତ ମା' କାଳୀ କମଳା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏହି ଅବସରରେ ମା'ଙ୍କ ଦର୍ଶନ ସହିତ ଭକ୍ତମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ଉଠାଇ ପାରିବେ। ଉତ୍ସବର ଶୃଙ୍ଖଳିତ ପରିଚାଳନା ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି କହିଛନ୍ତି ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ କର ଓ ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର।












Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି